ମୂଲ୍ୟ:₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାଙ୍ଗନ


୧୯ ଫେବୃୟାରୀ-୩ ମାର୍ଚ୍ଚ, ୨୦୨୦

**ପ୍ରଦକ୍ଷିଣ** : ରବି ସିଂ

**ପହିଲି ପୁଲକ** : ସ୍ନିଗ୍ଧା ତ୍ରିପାଠୀ

**ସ୍ମରଣୀୟ** : କ୍ଷୀରୋଦ ଦାସ

**ଅନୁବାଦ ଗଳ୍ପ** : ଡ. ନରେନ୍ଦ୍ର ସେଠୀ



# ଦେଶାନ୍ତର

ଅନୁବାଦ ଗଳ୍ପ

ମୂଳ ଜର୍ମାନ୍: ଫ୍ରେଂଜ୍ କାଫ୍‌କା
ଭାଷାନ୍ତର: ଡ. ନରେନ୍ଦ୍ର ସେଠୀ

ନ୍ୟାୟାଳୟର ଦୁଆର ମୁହଁରେ ଜଗୁଆଳି ଠିଆ ହେଇଥିଲା। ଦେଶର ଜଣେ ସାଧାରଣ ନାଗରିକ ତା' ପାଖକୁ ଆସି ଭିତରକୁ ଯିବାକୁ ଗୁହାରି କଲା। ହେଇଥିବା ଅନ୍ୟାୟର ବିଚାର ପାଇଁ ଭିତରକୁ ଯିବାକୁ ଅନୁମତି ମାଗିଲା।

ଜଗୁଆଳି ତାକୁ ଭିତରକୁ ଛାଡ଼ିଲାନି।

ଲୋକଟି ଅଡୁଆରେ ପଡ଼ିଲା। କହିଲା, 'କିଛି ସମୟ ପରେ ମୋର ଶୁଣାଣି ହେବ ?'

'ଦେଖିବା...' ଜଗୁଆଳି କହିଲା। କିନ୍ତୁ ବର୍ତ୍ତମାନ ତ ବିଲ୍‌କୁଲ ସମ୍ଭବ ନୁହେଁ।

ନ୍ୟାୟାଳୟର ଦୁଆର ସବୁଦିନ ଭଳି ଆଜି ବି ଖୋଲା ଅଛି। ଲୋକଟି ଭିତରକୁ ମୁଣ୍ଡ ଟେକି ଚାହିଁଲା। ତାକୁ ଏମିତି କରିବା ଦେଖି ଜଗୁଆଳି କହିଲା– ''ମୁଁ ମନା କରିବା ପରେ ମଧ୍ୟ ଭିତରକୁ ଯିବାପାଇଁ ତୁ ଏତେ ଅସମ୍ଭାଳ କାଇଁ ହେଉଛୁ ? ମନେରଖ, ମୁଁ ବହୁତ ଷ୍ଟ୍ରିକ୍ଟ ଲୋକ। ଯଦିଓ ମୁଁ ଅନ୍ୟ ଜଗୁଆଳିମାନଙ୍କଠାରୁ ବହୁତ ଛୋଟ। ଏଠି ଗୋଟିଏ ଅଫିସରୁ ଆଉ ଗୋଟିଏ ଅଫିସ ପର୍ଯ୍ୟନ୍ତ ଗୋଟିଏ ଗୋଟିଏ ଜଗୁଆଳି ଅଛନ୍ତି। ପ୍ରତ୍ୟେକ ଜଗୁଆଳି ଅନ୍ୟ ଜଗୁଆଳିଠୁ ଅଧିକ ଶକ୍ତିଶାଳୀ। କିଛି ଜଗୁଆଳିମାନଙ୍କ ସାମ୍ନା କରିବା ପାଇଁ ମୋତେ ମଧ୍ୟ ଡର ଲାଗେ।''

ଲୋକଟି କେବେ ଭାବି ନ ଥିଲାଯେ ନ୍ୟାୟ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ଏତେ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ସେ ତା' ଆଗରୁ ଭାବୁଥିଲା ନ୍ୟାୟ ପର୍ଯ୍ୟନ୍ତ ଯିଏ ହେଲେ ବି ସହଜରେ ପହଞ୍ଚି ପାରିବ। ଜଗୁଆଳିର ଲମ୍ବା ମୁନିଆଁ ନାକ, ଅଡୁଆ ଲମ୍ବା ଦାଢ଼ି ଦେଖିଲା ପରେ ଅନୁମତି ମିଳିବା ପର୍ଯ୍ୟନ୍ତ ବାହାରେ ଅପେକ୍ଷା କରିବା ପାଇଁ ନିଶ୍ଚୟ କଲା।

ଜଗୁଆଳି ତା' ଉପରେ ଦୟା କରି ତାକୁ ବସିବାକୁ ଏକ ଟୁଲ୍ ଦେଲା। ଲୋକଟି ନ୍ୟାୟାଳୟର କବାଟର ଗୋଟିଏ ପାଖରେ ବସି ଅପେକ୍ଷା କରେ। ସେ କେତେ ଦିନଯାଏ ସେଠି ବସି ରହିଲା। କେତେ ମାସ... କେତେ ବର୍ଷ... ବିତିଗଲା। ୟା' ଭିତରେ ସେ ଭିତରେ ପ୍ରବେଶ କରିବା ପାଇଁ କେତେଥର ଜଗୁଆଳି ଆଗରେ କାକୁତିମିନତି କଲା। ଜଗୁଆଳି ତାକୁ ମଝିରେ ମଝିରେ ତା' ବିଷୟରେ ପଚାରେ। ତା' ସାଙ୍ଗରେ ଭଲମନ୍ଦ କଥା ହୁଏ। ମାତ୍ର ସବୁବେଳେ କଥା ଗୋଟିଏ ଜାଗାରେ ଆସିଅଟକିଯାଏ।ବର୍ତ୍ତମାନସେନ୍ୟାୟାଳୟରେପ୍ରବେଶକରିପାରିବନି।

ଲୋକଟି ଯିବାଆସିବା ପାଇଁ ପାଖରେ ରଖିଥିବା ସବୁ ଟଙ୍କା ପଇସା ଜଗୁଆଳିକୁ ଖୁସି କରିବାରେ ଖର୍ଚ୍ଚ କରିଦେଲା। ଜଗୁଆଳି ତା'ଠୁ



ସବୁ ନିଃସଙ୍କୋଚରେ ନେଇ ତା' ଉପରେ ଦୟା କଲା ପରି ଲାଗେ।

ଅନେକ ବର୍ଷ ଜଗୁଆଳିଠୁ ଅନୁମତି ଅପେକ୍ଷାରେ ସେ ଅନ୍ୟ ଜଗୁଆଳିମାନଙ୍କ ବିଷୟରେ ଭୁଲିଯାଏ। ନ୍ୟାୟ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ଏକମାତ୍ର ସେଇ ଜଗୁଆଳି ପ୍ରତିବନ୍ଧକ ଲାଗେ। ଲୋକଟି ଯୁବକ ଅବସ୍ଥାରେ ବଡ଼ ପାଟି କରି ଅନୁରୋଧ କରୁଥିଲା। ନ୍ୟାୟାଳୟରେ ପ୍ରବେଶ କରିବା ପାଇଁ ଜଗୁଆଳିଠୁ ଅନୁମତି ଅପେକ୍ଷା କରୁଥିଲା। ବୁଢ଼ା ହେଇଯିବା ପରେ ନିଜ ଭାଗ୍ୟକୁ ଦୋଷ ଦେଲା। ସେ ପିଲାଙ୍କ ପରି ଅଜ୍ଞାନ ହେଇଗଲା।


ବର୍ଷବର୍ଷ ଧରି ଗୋଟିଏ ଜାଗାରେ ବସିବା କାରଣରୁ ତା' ଲୁଗା ଭାଙ୍ଗରେ ଲୁଚି ରହୁଥିବା ମଶା ବିଷୟରେ ଜାଣିବାକୁ ପାଇଲା। ସେ ମଶାମାନଙ୍କୁ ଖୋସାମତ କରେ ଯେ ସେମାନେ ଜଗୁଆଳିର ମନ ପରିବର୍ତ୍ତନ କରିବାରେ ତାକୁ ସାହାଯ୍ୟ କରନ୍ତୁ। ଶେଷରେ ତା' ଆଖି ଥକିଯାଏ। ସେ ବୁଝିପାରେନି ଦୁନିଆ ଆଗରୁ ଏତେ ଅନ୍ଧକାର ଥିଲା ନା ତା' ଆଖି ତାକୁ ଧୋକା ଦେଉଛି। ଏବେ ମଧ୍ୟ ଚାରିଆଡ଼େ ଅନ୍ଧକାର ଭିତରେ ଲୋକଟି ନ୍ୟାୟର ଦୁଆରମୁହଁ ଦେଇ ଆସୁଥିବା ଝାପ୍‌ସା କିରଣକୁ ଅନୁଭବ କରିପାରୁଥିଲା।

ନିକଟରେ ଠିଆ ହେଇଥିବା ମୃତ୍ୟୁକୁ ସେ ଦେଖୁଥିଲା। ମରିବା ପୂର୍ବରୁ ଗୋଟିଏ ପ୍ରଶ୍ନ ତା' ମନରେ ଅନେକ ବର୍ଷ ହେଲା ଥିଲା। ଜଗୁଆଳିକୁ ପଚାରିଲା। ସେ ହାତ ହଲେଇ ଜଗୁଆଳିକୁ ଡାକିଲା। ବସିବସି ତା' ହାତ ଗୋଡ଼ ଅଚଳ ହେଇ ଯାଇଥିଲା। ସେ ଚାହିଁଲେ ବି ଉଠି ପାରୁ ନ ଥିଲା। ଜଗୁଆଳି ନଇଁପଡ଼ି ପଚାରିଲା– ''କ'ଣ ହେଲା ? କେତେ ନଛୋଡ଼ବନ୍ଧା ଲୋକ ତୁ?'' 'ନ୍ୟାୟ ତ ସମସ୍ତଙ୍କ ପାଇଁ'– ଲୋକଟି କହିଲା। ''କିନ୍ତୁ ମୁଁ ବୁଝିପାରୁନି ଏତେ ବର୍ଷ ଭିତରେ ମୋ' ବ୍ୟତୀତ ଅନ୍ୟ କେହି ଏଠି ନ୍ୟାୟାଳୟ ଭିତରକୁ ଯିବାପାଇଁ ଆସିନାହାନ୍ତି ?''

ଜଗୁଆଳିକୁ ବୁଝିବାକୁ ବେଶି ସମୟ ଲାଗିଲାନିଯେ ଲୋକଟିର ଶେଷ ଅବସ୍ଥା ଆସି ପହଞ୍ଚିଲାଣି। ସେ ଲୋକଟିର ଧୀରେଧୀରେ ବଧିର ହେଇ ଆସୁଥିବା କାନ ପାଖରେ ବଡ଼ ପାଟିରେ କହିଲା– ''ଅନ୍ୟ କାହାର ଭିତରକୁ ଯିବା ନିଷେଧ...। କାହିଁକି ନା ନ୍ୟାୟାଳୟର ଦୁଆର ତୁମରି ପାଇଁ ଖୋଲା ଥିଲା। ଏବେ ମୁଁ ତାକୁ ବନ୍ଦ କରିବାକୁ ଯାଉଛି।''

**– ବୈଜ୍ଞାନିକ, ଭାବା ପରମାଣୁ ଗବେଷଣା କେନ୍ଦ୍ର, ପୂର୍ବ ସିଂଭୂମି, ଯାଦୁଗୁଡ଼ା, ଝାରଖଣ୍ଡ**

# ଶବରୀ ଓ ଶ୍ରୀରାମଙ୍କ କଥା ଗଳ୍ପ ଛଳରେ ଚମତ୍କାର




**ମହାଶୟ,**

✻ ଜାନୁୟାରୀ ୨୨– ଫେବୃୟାରୀ ୪, ୨୦୨୦ 'ସାହିତ୍ୟାୟନ'ର ପ୍ରଚ୍ଛଦ ଚିତ୍ରରେ ହାତୀଟିଏ ବସ୍ତିମୁହାଁ ହୋଇ ଜଣେ ବ୍ୟକ୍ତିଙ୍କର ଅନୁଚ୍ଚ ବାଡ଼ ଭାଙ୍ଗି ପ୍ରବେଶ କରୁଛି। ଏହାପରେ କ'ଣ ହେବ କିଏ ଜାଣେ ? ଚିତ୍ରଟି ଅତ୍ୟନ୍ତ ସଜୀବ ସହ ଅର୍ଥପୂର୍ଣ୍ଣ ଲାଗିଲା। ସ୍ମିତା ନାୟକଙ୍କ ଦୁଇଟି ମିନି ଗଳ୍ପ 'ଛେଳି', 'ବିରାଡ଼ି ଓ ଈଶ୍ୱର' ଅତ୍ୟନ୍ତ ପ୍ରଭାବଶାଳୀ ତଥା ଭକ୍ତ–ଭଗବାନଙ୍କ ମଧ୍ୟରେ ମୂଳଚାଲ ଲେଖା ଦୁଇଟି ସର୍ବାଗ୍ରେ ରହିବା ଠିକ୍ ହୋଇଛି। ମୂଳ ହିନ୍ଦୀ ଲେଖା ହିମାଂଶୁ ଯୋଶୀଙ୍କ 'ନାମହୀନ' ଗଳ୍ପକୁ 'ଆଶ୍ରୟ' ନାମରେ ଅନୁବାଦ କରିଥିବା ଲେଖକ ଆଜିକାଲି କିପରି ପୁଅ ବୋହୂମାନେ ମାତାପିତାଙ୍କର ପ୍ରତ୍ୟକ୍ଷ ସେବା ନ କରି ସେମାନଙ୍କୁ ବୃଦ୍ଧାଶ୍ରମରେ ରଖୁଛନ୍ତି, ତାହାର କରୁଣ ଚିତ୍ର। ଆଖିରୁ ଲୁହ ଝରାଇ ଆଣିବା ପରି ଘଟଣା। ଡ. ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଆଲୋଚନା ''ଛ'ମାଣ ଆଠଗୁଣ୍ଠ'ରେ କାହାର ଜିତାପଟ: ଜୀବନ ନା ମୃତ୍ୟୁର ?'' ଅତି ଭଲ ଲାଗିଲା। ଗାଳ୍ପିକ ଅରୁଣ ମିଶ୍ର ଶବରୀ ଗଳ୍ପଟି ଠିକ୍ 'ଶବରୀ ଘରେ ଶ୍ରୀରାମ' ଛାୟାରେ ଚମତ୍କାର ଭାବେ ଲେଖି ଧନ୍ୟବାଦାର୍ହ। କିଛି ଲୋକ ଥାଆନ୍ତି, ସେମାନେ ଶୋଇ ରହି ଜାଗ୍ରତ ଲୋକଙ୍କୁ ବିଭିନ୍ନ ପ୍ରଶ୍ନ କରିଥାଆନ୍ତି, ଯାହା ବିରକ୍ତିକର। ''ଭୈୟା କୌନ୍‌ସା ଷ୍ଟେଶନ ହୈ, ଭୈୟା ଚିକୁ ମିଠା ହୈ କ୍ୟା ?'' ଇତ୍ୟାଦି। ଗାଳ୍ପିକ ଗିରୀଶ ସାହୁଙ୍କ ବିଶେଷ ଗଳ୍ପ 'ଲୁହର ପରିଭାଷା' ଅନୁରୂପ ଅନେକ ଘଟଣା ଆଜିକାଲି ଘଟୁଛି। ତାହା କେବଳ ସମାଜସେବୀ, ଲେଖକ, କବିପ୍ରାଣ ଭାବୁକ ମଣିଷ, ଗଣମାଧ୍ୟମ ପ୍ରତିନିଧି, ମୋଟରବାଲା, ରିକ୍ସାବାଲାଙ୍କ ଦୃଷ୍ଟିରୁ ପ୍ରଚାରିତ ହୁଏ। ପୀଡ଼ିତା ବୋହୂ, ଝିଅମାନେ ଅନ୍ୟାୟର ପ୍ରତିବାଦ କରିବା ପାଇଁ ମାର୍ଶାଲ ଆର୍ଟ ଶିକ୍ଷା କରିବା ଉଚିତ। ବିବେକୀ ଅଟୋବାଲା ଏପରି କରିଥା'ନ୍ତି। ଶୀତ କବିତା 'ଉଦ୍ଦଣ୍ଡୀ ଶୀତ', 'ଶୀତ ଆସେ' ଦୁଷ୍କର୍ମବିରୋଧୀ କବିତା 'ଦେବୀପକ୍ଷ', ଗୀତି–କବିତା 'ତୋର ମୋର ଯଦି...' ମୋତେ ଭଲ ଲାଗିଲା। ଅଣୁଗଳ୍ପ 'ବସ୍ କଥା' ବୁଝି ହେଲା ନାହିଁ। ନୂତନ ପ୍ରକାଶିତ ୫ଟି ପୁସ୍ତକ ସମ୍ବନ୍ଧେ ସୂଚନା ପାଇଲି। ଜାନୁଆରୀ ନୁହେଁ ଜାନୁୟାରୀ, ଫେବୃଆରୀ ନୁହେଁ ଫେବୃୟାରୀ। 'ଫେବୃଆରୀ' ପରିବର୍ତ୍ତେ 'ଫେବୃୟାରୀ' ଲେଖାଯିବା ସମ୍ପର୍କରେ ଜଣାଇଲେ ମୋର ମୂର୍ଖାମି ଦୂର ହୋଇପାରନ୍ତା। ସମ୍ପାଦକ ଓ ସମ୍ପାଦନାମଣ୍ଡଳୀଙ୍କୁ ଧନ୍ୟବାଦ ଜଣାଉଛି। 'ସାହିତ୍ୟାୟନ' ଦୀର୍ଘଜୀବୀ ହେଉ।

**– ଶ୍ରୀରାମ ଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ**

✻ ଜାନୁୟାରୀ ୨୨– ଫେବୃୟାରୀ ୪, ୨୦୨୦ର 'ସାହିତ୍ୟାୟନ'ରେ ପ୍ରକାଶିତ ଲେଖାର ଗୁଣାତ୍ମକ ମାନ କେହି ନୀଚ ବୋଲି କହିପାରିବନି। ମୋ' ସମେତ ଅନ୍ୟ ଯେ କେହି ପାଠକ ପଢ଼ିବ, ସେ ନିଶ୍ଚିତ କହିବ 'ସାହିତ୍ୟାୟନ'ରେ ସବୁଥର ଚିରାଚରିତ ଭାବରେ ଉଚ୍ଚ ମାନର ଲେଖା ପ୍ରକାଶିତ ହୁଏ। ଏଥର ମଧ୍ୟ ହୋଇଛି। କେତେ ଲେଖକ, କେତେ କବି ନିଜସ୍ୱ ଚିନ୍ତାଧାରାରେ ଭିନ୍ନ ଭିନ୍ନ ତରିକାରେ ଲେଖାସବୁ ଲେଖୁଛନ୍ତି। 'ଛେଳି', 'ବିରାଡ଼ି ଓ ଈଶ୍ୱର' ଗପ ଏକ ସୁନ୍ଦର କାବ୍ୟଧର୍ମୀ ଗଳ୍ପ। 'ଶବରୀ' ଗପ ସ୍ୱତନ୍ତ୍ର ଚିନ୍ତାଧାରାର ଓ ବେଶ୍ ସୁଖପାଠ୍ୟ। ଗିରୀଶ ସାହୁଙ୍କ ଗପ 'ଲୁହର ପରିଭାଷା'ରେ ନାରୀ ନିର୍ଯାତନାର କାରୁଣ୍ୟ ଭରି ରହିବା ସଙ୍ଗେ ଅଟୋ ଡ୍ରାଇଭରର ମାନବବାଦୀ ଚିନ୍ତାଧାରା ଗପଟିକୁ ପ୍ରାଣବନ୍ତ କରିଛି। ଆଶ୍ରୟଧର୍ମୀ ଗପଟିରେ ପିତାଙ୍କୁ ବୁଢ଼ା କାଳରେ ଅବହେଳା କରାଯାଇଛି। ଏଥିରେ ଘରର ବୋହୂ ମୁଖ୍ୟ ଭୂମିକା ଗ୍ରହଣ କରିଛି। ''ଛ'ମାଣ ଆଠଗୁଣ୍ଠ''କୁ ପ୍ରଫୁଲ୍ଲ ମହାନ୍ତି ନିଜ ବିଗ୍‌ବତ୍ତା ବଳରେ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀ ନେଇ ସମାଲୋଚନା କରିଛନ୍ତି। ସମାଲୋଚନାଟି ତାଙ୍କର ବିଷୟ ହୋଇପାରେ, କିନ୍ତୁ ଫକୀରମୋହନଙ୍କ ''ଛ'ମାଣ ଆଠଗୁଣ୍ଠ''ର ଯେତେ ଯାହା ସମାଲୋଚନା ହେଉପଛେ, ନିଶ୍ଚିତ ଭାବେ ଏହା ଫକୀରମୋହନଙ୍କର ଏକ କାଳଜୟୀ ବହୁ ଚର୍ଚ୍ଚିତ ଉପନ୍ୟାସ ; ଯେଉଁ ଉପନ୍ୟାସରେ ସବଳ ବ୍ୟକ୍ତି ଦୁର୍ବଳ ବ୍ୟକ୍ତି ଉପରେ ସ୍ୱାର୍ଥ ପାଇଁ ଅତ୍ୟାଚାର କରିଛି। କବିତା ସବୁ ଭଲ। ପୁସ୍ତକ ରଚୟିତାମାନଙ୍କୁ ଧନ୍ୟବାଦ।

**– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

✻ ୫–୧୮ ଫେବୃୟାରୀ, ୨୦୨୦ ସଂଖ୍ୟା 'ସାହିତ୍ୟାୟନ'ରେ ଗଳ୍ପ, କବିତା ଓ 'ପୁସ୍ତକ ପରିଚୟ'ର ସ୍ୱାଦ ଅନନ୍ୟ। ବ୍ୟଙ୍ଗ ଗଳ୍ପ 'ପରମ ସୁବିଧାବାଦୀ', ଅନୁବାଦ ଗଳ୍ପ 'ଜାତିଭେଦ', 'ସ୍ମରଣୀୟ'ରେ 'ବିଲଭୋଜି' ଗଳ୍ପ, ମିନିଗଳ୍ପ 'କବିଙ୍କ କଲମ' ବେଶ୍ ପଠନୋପଯୋଗୀ ଓ ରୁଚିଶୀଳ ବୋଧ ହେଲା। କବିତା ଓ ଗୀତି–କବିତାରେ କେବଳ ମା'ମାନଙ୍କ ବିଶେଷତ୍ୱ ସ୍ୱୀକୃତ ହୋଇଛି। 'ପୁସ୍ତକ ପରିଚୟ' ସ୍ତମ୍ଭରୁ ରାଜ୍ୟର ବର୍ଷୀୟାନ୍ ଓ ସୁପ୍ରତିଷ୍ଠିତ ଲେଖକ, କବିଙ୍କ ସୃଜନକୃତି ସମ୍ପର୍କରେ ଅବଗତ ହେବାର ସୁଯୋଗ ମିଳିଲା। ବାସ୍ତବରେ 'ସାହିତ୍ୟାୟନ' ଓଡ଼ିଆ ଭାଷା ଓ ସାହିତ୍ୟ ଜଗତର ଧ୍ରୁବତାରା ସଦୃଶ।

**– ମନୋରଞ୍ଜନ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର**

ସାହିତ୍ୟାୟନ

**ଲେଖା ପଠାଇବାର ଠିକଣା**

**ସମ୍ପାଦକ ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦**
email: dharitrisahityayana@gmail.com

**ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।**

**Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10** ସମ୍ପାଦକ: ତଥାଗତ ସତପଥୀ

# ନିରବଧି ସଖା ମୁହିଁ ଅବହେଳିତର...



**ରବି ସିଂ ଭାବେ ଜନମାନସରେ ପରିଚିତ କବି ରବୀନ୍ଦ୍ରନାଥ ସିଂହଙ୍କର ଜନ୍ମ ୨୭ ଜାନୁୟାରୀ ୧୯୩୨ରେ ଜଗତ୍ସିଂହପୁର ଜିଲା ନବାପାଟଣାର ସିଂହାରପୁର ଗାଁରେ। ବାପା ରାମଚନ୍ଦ୍ର ସିଂହ ଓ ମାଆ ଶାରଦା ଦେବୀ ଥିଲେ ସ୍ୱାଧୀନତା ସଂଗ୍ରାମୀ। ବକୁଳ ସିଂ ସହଧର୍ମିଣୀ। ଅପରିକଳ୍ପନୀୟ ଦାରିଦ୍ର୍ୟ ଭିତରେ ବାଲ୍ୟ ଓ କୈଶୋର ଜୀବନ କଟାଇଥିବା ଏହି କବି ତାଙ୍କ କବିତାର ପ୍ରତ୍ୟେକଟି ଶବ୍ଦକୁ ସାମାଜିକ ଓ ଅର୍ଥନୈତିକ ଶୋଷଣ ବିରୁଦ୍ଧରେ ଅସ୍ତ୍ରକରି ଗଢ଼ିତୋଳିଥିଲେ । 'ପଥପ୍ରାନ୍ତର କବିତା' ଓ 'ଚରମ ପତ୍ର' (୧୯୬୧ରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ) ଭଳି ଅର୍ଦ୍ଧଶତାଧିକ କାଳଜୟୀ କବିତାଗ୍ରନ୍ଥର ସ୍ରଷ୍ଟା ସେ । ଓଡ଼ିଆ କବିତାକୁ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୧୭ରେ ତାଙ୍କୁ ମିଳିଛି ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ପୁରସ୍କାର 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ଓ ଗଙ୍ଗାଧର ରଥ ଫାଉଣ୍ଡେଶନ ପ୍ରଦତ୍ତ ମର୍ଯ୍ୟାଦାଜନକ 'ସାହିତ୍ୟ ଭାରତୀ' ସମ୍ମାନ । ୨ ଫେବୃୟାରୀ ୨୦୨୦ରେ ପ୍ରୟାତ ଏହି ଚିରବିଦ୍ରୋହୀ କବିଙ୍କର ଅମର ସ୍ମୃତି ପ୍ରତି ସମର୍ପିତ ଏଇ ଆଲେଖ୍ୟ...**

"This is not mere poetry that I write,
I write the battle–hymn of life,
Record the thunder of the clouds,
Catch in my voice the voice of the storms."
(Asia Awakes: Sardar Jafri)

– ''ଏହା ଖାଲି କବିତା ନୁହେଁ, ଜୀବନର ରଣ–ସ୍ତବ, ଯାହା ମୁଁ ଲେଖୁଛି। କବିତାରେ ମୋର ରୂପ ପାଏ ମେଘର ବଜ୍ର, କଣ୍ଠରେ ଧରାଦିଏ ଝଡ଼ର ଝଙ୍କାର।'' ମହାନ୍ ଉର୍ଦ୍ଦୁ କବି ଜାଫ୍ରି ଏଇ କବିତାଟିକୁ ଲେଖିଥିଲେ ୧୯୫୦ରେ, ନାସିକ୍‌ର ସେଣ୍ଟ୍ରାଲ୍ ଜେଲ୍‌ରେ। ନିକଟରେ ପ୍ରୟାତ କବି ରବି ସିଂଙ୍କୁ ମନେପକାଇଲା ବେଳେ କବିତାଟି ଛାଁ ସ୍ମରଣକୁ ଆସିଯାଏ। କାରଣ ରବି ସିଂ ଥିଲେ ଏଇ ଗୋତ୍ରର କବି। ୧୯୩୨ରେ ଜନ୍ମ, ହାତକୁ କଲମ ଆସେ ୧୯୫୦ ପରେ, ପ୍ରଥମ ପୁସ୍ତକ 'ପଥ ପ୍ରାନ୍ତର କବିତା' ପ୍ରକାଶ ପାଏ ୧୯୫୯ରେ। ଓଡ଼ିଆ କବିତାର ତରୁଣ ନଟରାଜ ଏଇ କବି କବିତାରେ ପ୍ରବେଶ ମାତ୍ରେ ନିଜର ପରିଚୟକୁ ଜାହିର୍ କରନ୍ତି ଏହିପରି: ''ଚଲାପଥ ମୋର ଦୁର୍ଗମ ଆଜି ବନ୍ଧୁ ହେ, ତିମିର ପଥର ପାନ୍ଥ ମୁଁ/ ନିଷ୍ପେଷଣ ଓ ଶୋଷଣ, କଷଣ ବେଦି ତଳେ ଆଗାମୀ ଯୁଗର ସନ୍ଥ ମୁଁ।'' ('ଦିଅ ମୋତେ ନୂଆ ଇନ୍ଧନ'– ''ପଥ ପ୍ରାନ୍ତର କବିତା'')। ତାଙ୍କ କବିତାର ସ୍ୱର ଆମୂଳଚୂଳ ବେସାଲିସ୍। ଦୁର୍ବାର ତୋଫାନ ପରି ସମାଜର ପ୍ରତ୍ୟେକଟି ଅବିଚାର ଓ ଅସମତା ବିରୋଧରେ ସେ ଲମ୍ଫ ଦିଅନ୍ତି ତାଙ୍କର ପ୍ରାୟ ରଚନାରେ। କୌଣସି ପ୍ରତିବାଦୀ–ମଞ୍ଚରୁ ଶାନ୍ତଶୀତଳ ରାତିର ତମସା ଭେଦି ଯେତେବେଳେ ଝରିପଡ଼େ ତାଙ୍କ କବିତାର ଏଇ ଇସ୍ତାହାର, ନିଆଁ ଲାଗିଯାଏ ଶ୍ରୋତାଙ୍କର ରକ୍ତରେ– ''ଦୁଃଖ ସାଗରେ ଝଡ଼ ସମ ମୁଁ ତ ଉଠିବି ଫୁଲି/ ଜାଳି ଦେବା ପାଇଁ କୋଟି–କୁଡ଼ିଆର ନିଭିଲା ଚୁଲି।''

ମାୟାଧର ମାନସିଂହ ''ଓଡ଼ିଆ ସାହିତ୍ୟର ଇତିହାସ''(୧୯୬୨)ରେ ତାଙ୍କୁ ''ବିଦ୍ରୋହୀ ବୁଦ୍ଧିଜୀବୀର ଅନୁପମ ପ୍ରତୀକ'' ଭାବେ ଅଭିହିତ କରିଥିଲେ। କବିଙ୍କର ୭ମ କବିତା ସଂକଳନ 'ପାଦଟୀକା'(୧୯୬୫)ର ମୁଖବନ୍ଧରେ ସୁରେନ୍ଦ୍ର ମହାନ୍ତି କହିଥିଲେ: ''ରବୀନ୍ଦ୍ରନାଥ ସିଂ ସ୍ୱୟଂସିଦ୍ଧ ଏକଲବ୍ୟ x x ତାଙ୍କ କବିତାରେ ଅଛି ଅନୁଭୂତିଲବ୍ଧ କଠୋର ଅଭିଜ୍ଞତାର ତୀବ୍ର ଅଭିଜ୍ଞାନ।''

ରବିଙ୍କ କାବ୍ୟ ସାଧନା ଗତ ଶତାବ୍ଦୀର ପ୍ରାକ୍–ଷାଠିଏରୁ ଆରମ୍ଭ ହୋଇ ମଧ୍ୟଷାଠିଏରେ ତୀବ୍ର ହୋଇ ଉଠିଲା। ସ୍ୱଳ୍ପ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ କାବ୍ୟଗ୍ରନ୍ଥ ପ୍ରକାଶ ପାଇ ବାମପନ୍ଥୀ ସାରସ୍ୱତ ଶିବିରରେ ଏକ ଉଦ୍ଦାମୀ ମାହୋଲ ସୃଷ୍ଟିକଲା। 'ପଥ ପ୍ରାନ୍ତର କବିତା' ବହି ପରେ ୧୯୬୧ରେ ପ୍ରକାଶ ପାଇଲା 'ଚରମ ପତ୍ର'। ତା'ପରେ 'ଶିଥିଳ ବଲ୍‌ଗା', 'ଭ୍ରୂକୁଟି', 'ଲାଲ୍ ପାଗୋଡ଼ାର ପ୍ରେତ ଓ ଅନ୍ୟାନ୍ୟ କବିତା', 'ବିଦୀର୍ଣ୍ଣ', 'ପାଦଟୀକା', 'ଅପ୍ରୀତିକର କବିତା', 'ଜ୍ୱାଳାର ମାଳା', 'କ୍ଷତ', 'ବିଷବାଣୀ', 'ଦୁର୍ଗମ ଗିରି' ଓ 'ଝଡ଼ ଗାନ୍ଧାର' ଇତ୍ୟାଦି। 'ପଥ ପ୍ରାନ୍ତର କବିତା' ବହିଟି ପଢ଼ିବା ପରେ ବ୍ରଜନାଥ ରଥ କବିଙ୍କୁ ଲେଖିଥିଲେ– ବହିଟି ''ଗୋଟିଏ କବି କଣ୍ଠରେ କୋଟିଏ ସର୍ବହରା ଜନତାର ବିପ୍ଳବୀ ମର୍ମବାଣୀ।''

> ''...ଏକ ଦୂରନ୍ତ ଝଡ଼ ଭଳି ଓଡ଼ିଆ କାବ୍ୟପରିସରକୁ ରବି ସିଂଙ୍କ ପ୍ରବେଶ। କାଳକ୍ରମେ ତାଙ୍କର ବୈପ୍ଳବିକ ଆଭିମୁଖ୍ୟ ଶାଣିତ ଓ ଉଜ୍ଜ୍ୱଳ ହୋଇଉଠିଥିଲା ତାଙ୍କ ରଚନାରେ। ସେଥିରେ ଥିଲା ଶୋଷଣ, ଅତ୍ୟାଚାର ବିରୋଧରେ ତୀବ୍ର ପ୍ରତିବାଦ ଓ ମାନବମୁକ୍ତି ପାଇଁ ଆଗ୍ନେୟ ଆହ୍ୱାନ। ଜନମାନସରେ ଏହି ବିପ୍ଳବୀ କାବ୍ୟପୁରୁଷ ଅବିସ୍ମରଣୀୟ ହୋଇ ରହିବେ।
>
> ଡ. ଆଶୁତୋଷ ପରିଡ଼ା, ବରିଷ୍ଠ କବି

ରବି ସିଂ ତାଙ୍କ ସମକାଳର ବାମପନ୍ଥୀ କବିଙ୍କଠାରୁ ଯେଉଁ କାରଣରୁ ସ୍ୱତନ୍ତ୍ର ଥିଲେ, ତା'ର ବହୁ କାରଣ ମଧ୍ୟରୁ ଏକ ପ୍ରମୁଖ କାରଣ ହେଲା ସେ ଅନ୍ୟ ଅନେକଙ୍କ ପରି ପାଠାଗାର–ପ୍ରସୂତ ଶୁଣା–ଅଭିଜ୍ଞତାର କବି ନ ଥିଲେ। ତାଙ୍କର ଚଳପ୍ରଚଳ ସେଇ ଜନତାର ମେଳରେ, ଯହିଁରେ ସାମିଲ ଗରିବ ଭିକାରି, ଭୋକିଲା ଶିଶୁ, ଲୁଣ୍ଠିତା ନାରୀ, କାରଖାନାର କୁଲି ଓ କ୍ଷେତର ଖଟିଖିଆ। ସର୍ବହରାର ଓଠରୁ ଓଦା–ତତଲା ଶବ୍ଦ ନେଇ ସେ ଗଢୁଥିଲେ ତାଙ୍କ କବିତାରେ ଭାଷାର ନୂଆ ନାନ୍ଦନିକତା।

ବାମ–ଚେତନାର ପ୍ରମୁଖ ପକ୍ଷଧର ଲେଖକ ଗୁରୁଚରଣ ପଟ୍ଟନାୟକ କହନ୍ତି: ''ବାସ୍ତବ ଜୀବନ ଭଳି ସାହିତ୍ୟ ରାଜ୍ୟରେ ନିରପେକ୍ଷତାର ସ୍ଥାନ ନାହିଁ। ସଜ୍ଞାନରେ ହେଉ ବା ଅଜ୍ଞାନରେ ହେଉ, ପ୍ରତ୍ୟେକ ଲେଖକଙ୍କୁ ସତ୍ୟ ବା ମିଥ୍ୟା, ପ୍ରଗତି ବା ପ୍ରତିକ୍ରିୟା, ସୃଷ୍ଟି ବା ଅପସୃଷ୍ଟି, ଜୀବନ ବା ମୃତ୍ୟୁ– ଦୁଇଟିରୁ ଯେକୌଣସି ଗୋଟିଏ ପକ୍ଷ ବାଛି ନେବାକୁ ହେବ।'' (ସାଂପ୍ରତିକ ପ୍ରଗତି ସାହିତ୍ୟ, ''ସଂକଟରେ ସାହିତ୍ୟ, ସଭ୍ୟତା, ସଂସ୍କୃତି''– ପୃ: ୮୨) ରବି ସିଂ ତାଙ୍କ ଲେଖକ ଜୀବନରେ ବାଛି ନେଇଥିଲେ ସତ୍ୟ, ପ୍ରଗତି, ସୃଷ୍ଟି ଓ ଜୀବନର ପକ୍ଷ। ଶେଷନିଃଶ୍ୱାସ ପର୍ଯ୍ୟନ୍ତ ସେ ତାଙ୍କର ପକ୍ଷ ପାଲଟାଇ ନାହାନ୍ତି। ଅନାହାର, ରୋଗ, କ୍ଲେଶ, ନିଃସଙ୍ଗତା ଓ ନିର୍ଯାତନା ଭିତର ଦେଇ ବହିଯାଇଛି ତାଙ୍କ ଅବାରିତ ବାକ୍–ସ୍ରୋତ।

ସଚ୍ଚି ରାଉତରାୟ ଓ ରବି ସିଂଙ୍କ ମଧ୍ୟରେ ଯେଉଁ ଲଢ଼େଇ ଉତ୍ତର–ସତୁରିରେ ବାକ୍‌ଯୁଦ୍ଧରୁ ବାହୁଯୁଦ୍ଧକୁ ଖସି ଆସିଥିଲା, ତାହା ଯଥାର୍ଥରେ ଅକ୍ଷର–ଲଢ଼େଇ ନ ଥିଲା, ଥିଲା ଦୁଇ କବିଙ୍କ 'ଅହଂକାର'ର ଲଢ଼େଇ। ବାସ୍ତବ ଜୀବନରେ ଦୁହେଁ ଦୁହିଁଙ୍କ ପ୍ରତି ଶ୍ରଦ୍ଧାଶୀଳ ଥିଲେ। ଆତ୍ମଜୀବନୀ 'ଉତ୍ତର କକ୍ଷ'ରେ ସଚ୍ଚିବାବୁ ଲେଖିଛନ୍ତି– ''ରବି ସିଂଙ୍କ ସହିତ ମୋର ସଂପର୍କ ଭଲ ଥିଲା। ସେ ତାଙ୍କର ଏକ କବିତା ସଂକଳନ 'ଭ୍ରୂକୁଟି'ର ମୁଖବନ୍ଧ ଲେଖିବାକୁ ମୋତେ ଅନୁରୋଧ କରିଥିଲେ, ମୁଁ ଆନନ୍ଦର ସହିତ ଲେଖିଥିଲି। ସେଥିରେ ମୁଁ ଲେଖିଥିଲି– ସେ ଖାଲି ଜଣେ କ୍ରୋଧୀ ତରୁଣ ନୁହନ୍ତି, କ୍ରୋଧ ହିଁ ତାଙ୍କର ଜୀବିକା। ସେ ଖୁସିରେ ମୋ' ମୁଖବନ୍ଧଟି ତାଙ୍କ ପ୍ରଣୀତ 'ଭ୍ରୂକୁଟି'ରେ ଛାପିଥିଲେ।'' ପ୍ରବାଦପ୍ରତିମ ବଂଗୀୟ କବି ସୁଭାଷ ମୁଖୋପାଧ୍ୟାୟ ଅକାଳ ପ୍ରୟାତ କବି ସୁକାନ୍ତ ଭଟ୍ଟାଚାର୍ଯ୍ୟଙ୍କ ପ୍ରସଙ୍ଗରେ ଏକଦା କହିଥିଲେ– ''ସୁକାନ୍ତ କାଗଜେର୍ ମାନୁଷ୍ ନୟ, ରକ୍ତ ମାଂସେର୍ ମାନୁଷ୍। ତା'ର୍ ଆତ୍ମବିଶ୍ୱାସ କଖନଓ କଖନଓ ଅହମିକାକେ ସ୍ପର୍ଶ କରେ, ତାର୍ ଯୁକ୍ତି କଖନଓ କଖନଓ ଆବେଗେ ଭେଙ୍ଗେ ପଡ଼େ।'' ('ସୁକାନ୍ତ ସମଗ୍ର', ମୁଖବନ୍ଧ)। କବି ରାଉତରାୟ ଓ ସିଂଙ୍କ କ୍ଷେତ୍ରରେ ଠିକ୍ ତାହା ହିଁ ହୋଇଛି।

କବି ସିଂଙ୍କ ସହ ଏଇ ଲେଖକର ବ୍ୟକ୍ତିଗତ ସଂପର୍କର ବହୁ ସ୍ମୃତି ଆଜି ତାଙ୍କ ଅବର୍ତ୍ତମାନରେ ମନେପଡ଼େ। ୧୯୯୧ରେ ଲେଖକର ଏକ ପାରିବାରିକ ବିପତ୍ତିରେ ସେ ଯେପରି କାନ୍ଧ ଲଗେଇଥିଲେ, ତାହା ମା'ପେଟର ଭାଇଠାରୁ ବି ଆଶା କରାଯାଏ ନାହିଁ। ବିପଦରେ କେହି ଡାକିଦେଲେ ଆଗପଛ ନ ବିଚାରି 'ଓ' କରିବା ଲୋକଟିଏ ରବି ସିଂ। ପ୍ରତିଦାନର ପ୍ରତ୍ୟାଶା ନ ରଖି ଅପର ପାଇଁ ପାଣିକି ଡେଇଁ ପଡ଼ନ୍ତି ସେ। ନାନା ରୂପରେ ତାଙ୍କୁ ଏ ଲେଖକ ଦେଖିଛି। ନିଃସଙ୍ଗ ଜୀବନର ସାଥୀ ରୂପେ ନୂଆ ଚିହ୍ନା ତରୁଣୀ କବିକୁ ପାଖରେ ପାଇବାକୁ ବନ୍ଧୁଙ୍କଠାରେ ଦୟିନୀ ବାଢୁଥିବା ରବି ସିଂ, ପ୍ରତିପକ୍ଷକୁ ପାନେ ଦେବାକୁ ସଭାଗୃହ ବାହାରେ ବୁଲାକ୍ଷଣ୍ଟିକୁ ମନୋଉଥିବା ରବି ସିଂ, ଡାକ୍ତରଖାନାର ବିଷଣ୍ଣ–ଶେଯରେ ଶୋଇରହି ମୃତ୍ୟୁକୁ ଟକ୍କର ଦେଉଥିବା ରବି ସିଂ, କ୍ଷମତାର ଅଳିନ୍ଦରେ ଗରଜ ପାଇଁ କେବେକେବେ ହାତ ପାତିଥିବା ରବି ସିଂ ଏବଂ ସବୁ ସତ୍ତ୍ୱେ ଅତିକାୟ ପ୍ରପାତ ପରି ମଞ୍ଚ ଉପରୁ ଶ୍ରେଣୀଶତ୍ରୁର କଙ୍କର ବକ୍ଷକୁ ଲମ୍ଫ ଦେଉଥିବା ରବି ସିଂ। ଏକଇ ମନରେ ରୌଦ୍ର ଓ ଶାନ୍ତ, ବିଷାଦ ଓ ହର୍ଷ। ଏକଇ ପ୍ରାଣରେ ଅସ୍ତି ଓ ନାସ୍ତି, ହଳାହଳ ଓ ପୀୟୂଷ। ଏକଇ ଅନ୍ତରେ ଶ୍ରଦ୍ଧା ଓ ଜୁଗୁପ୍‌ସା, ଗୋଲାପ ଓ ଗୁଳି।

ଜୀବଦ୍ଦଶାରେ ବହୁ କୌତୂହଳୋଦ୍ଦୀପକ କିମ୍ବଦନ୍ତୀର ଏହି ନାୟକ ଉତ୍କଳର ସାରସ୍ୱତ–ସରଣୀକୁ ଖାଁ ଖାଁ କରି ଆମ ଗହଣରୁ ସଦର୍ପେ ବିଦାୟ ନେଲେ ୨ ଫେବୃୟାରୀ ୨୦୨୦ ରବିବାର ପ୍ରତ୍ୟୁଷରେ। ସ୍ୱଭୂମିରେ ବହୁଭାବେ କଦର୍ଥନା ଭୋଗିଥିବା ଏହି ଭାଷାସେବୀର ମରଶରୀରରେ ଶ୍ରଦ୍ଧାଞ୍ଜଳି ବାଢ଼ିଲା ଉଦୟ–ରବି। କଳକୂଜନରେ ପକ୍ଷୀଏ ଦେଲେ ବିମର୍ଷ ସ୍ୱର–ସଲାମି। ଉତ୍କଳ–ଭୂମିରୁ ସରିଗଲା ଉଚ୍ଚକଣ୍ଠର ଏକ ଅର୍ଥପୂର୍ଣ୍ଣ କାବ୍ୟଯୁଗ। ମେହନତୀ ମଣିଷର ଏଇ ଅମର କବିଙ୍କୁ 'ଧରିତ୍ରୀ' ଓ ଧରାବାସୀଙ୍କ ଅନ୍ତିମ ଅଭିବାଦନ !

– ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ



## ଶାନ୍ତି

ଚିତାର ପାଉଁଶ ଖେଳାଇ ଦେଖେ ମୁଁ ଅଛି କି ନା ଅବଶେଷ
ମୃତ୍ୟୁର ମହାକାବ୍ୟକାର ମୁଁ, ''ଆରମ୍ଭ'' ମୋ'ର ଶେଷ।
ପ୍ରତିହିଂସାର ନାମ ମୋର ''କ୍ଷମା'', ସୃଷ୍ଟିର ଅନାସୃଷ୍ଟି
ନିର୍ଜନଗୁହା, ଶ୍ମଶାନ, କବର ସାଧନାବେଦି ମୋ' କୃଷ୍ଟି।

କାଲିଫାଲି ନୁହେଁ, 'ବର୍ତ୍ତମାନ' ମୋ' ପ୍ରେୟସୀ, ଶୟନସାଥୀ
ନିଝୁମ୍ ଉଦାସ–ଦ୍ୱିପ୍ରହର ଓ ଥମ୍ ଥମ୍ କଳାରାତି,
ଝମ୍ ଝମ୍ ଝମ୍ ବରଷାର ବାରି, ଅଭାବର ହାହାକାର,
ରୋଗ, ଶୋକ, ଦୁଃଖ ମାରୀଭୟ ଯାହା ଅଶିବ ଅସୁନ୍ଦର।

ସହଜାତ ମୋର ପରିବେଶ ସବୁ, ଧ୍ୱଂସର ଘନଘଟା,
ଭୀଷଣ ଅମଂଗଳ, ଅଶିବର ମୁହିଁ ପିଙ୍ଗଳ–ଜଟା।
ଚାରିଧାରେ ମୋର ମିଥନ୍–ବଳୟ, ଉର୍ଦ୍ଧ୍ୱ–ନିମ୍ନ ମୋର
ଚିର ମରୁମୟ ଚିର ନିରଶ୍ରୁ ତୃଷାତୁର ହାହାକାର।

ମୋ' ନିଜ ଘରକୁ ଅନାଇ ଦେଲେ ମୁଁ
ପାଉଁଶ ହୁଏ ସେ ଜଳି,
କିଛି ମୁଁ ବୁଝେନା, କିଛି ମୁଁ ଶୁଝେନା
ଦାନ–ପ୍ରତିଦାନ ଜଳି–
ଛଂଦବିହୀନ–ମଂଦଗତିରେ
ସୌରସୋପାନ ଡେଇଁ
ଥିଲି ମୁଁ ଥିବଇଁ, ଥିବି ସଦା ରହି
ସତ୍ତା ମୋ' ଥିବ ଜିଇ।
କେବେ ମୁଁ ସ୍ୱଚାର, କେବେ ଅତିଚାର ଭୀଷଣ ଦୁଷ୍ଟଗ୍ରହ
ସ୍ୱର୍ଗ, ମର୍ତ୍ତ୍ୟ, ପାତାଳେ ମୋ' ନାମେ ସଂତ୍ରାସ ଆଉ ଭୟ।
ସୃଷ୍ଟିର ଭାଲେ ଅବସ୍ଥିତି ମୋ' ପୋଡ଼ା ପାଣ୍ଡୁର–ଟୀକା
କେ କରୁଛି କରୁ କୁତ୍ସା, ନିଂଦା ; କରୁ ଅବା ସ୍ୱାଗତିକା
ନିର୍ବିକାର ମୁଁ, ଯାହା ମୋ' ଧର୍ମ ଘଟାଇଚି ଚିରକାଳ,
ଆସୁ ଭଗବାନ, ଆସୁ ସଇତାନ, ଆସୁ ଅବା ଚଣ୍ଡାଳ।

ସବୁ ବିଚାରର ଶେଷ ବିଚାରକ, ନାହିଁ କ୍ଷମା, ନାହିଁ ଦୟା
ନାହିଁ ମୋ' ଜନକ, ନାହିଁ ମୋ' ଜନନୀ, ବାଂଧବୀ, ପ୍ରିୟା, ଜାୟା
ପରିବାର ମୋର, ସଖା, ସହୋଦର କେହି ନାହିଁ, କେହି ନାହିଁ,
ମୁହିଁ ମୋ' ନିଜର ସୃଷ୍ଟିକର୍ତ୍ତା ଅଜର ଅମର ରହି।

ଅଭିଶପ୍ତ ମୁଁ ମୁହିଁ ଅଭିଶାପ, ନାହିଁ ମୋର ଦିନରାତି,
ଦିନକର ସାଥେ ଜନ୍ମଦିନୁ ମୋ' ହାତାହାତି ହାତାହାତି।
ପାପର ମୁଖ୍ୟ, ଜନ୍ମରୁ ପାପୀ ଗ୍ରହ ମୁଁ ଶନିଶ୍ଚର।
ବିଧାତାର ବିଧି ମୁହିଁ ନିରବଧି ସଖା ଅବହେଳିତର।

(ରଚନାକାଳ: ଅକ୍ଟୋବର, ୧୯୯୫)

ସ୍ମରଣୀୟ

# ଅଚଳ ଅଧୁଲି

(ପ୍ରଥମ ଭାଗ)

କ୍ଷୀରୋଦ ଦାସ

ରାଜ୍ୟ ସରକାରଙ୍କ ଅଧୀନ ଏକ କିରାଣି ଚାକିରି ପାଇଁ ପରୀକ୍ଷା ଦେଇସାରି ଚିନ୍ମୟ ସଙ୍ଗେ ସଙ୍ଗେ ଘରକୁ ଫେରିଲା ନାହିଁ। ଅସଲରେ ଘରକୁ ଫେରିବା ପାଇଁ ତାର ଆଗ୍ରହ ନ ଥିଲା ଆଦୌ। ସେ ଜାଣେ ଆରତୀ ତା' ସ୍ତ୍ରୀ, ଚାହିଁ ବସିଥିବ ତା' ଫେରିବା ବାଟକୁ। ଦ୍ୱିପ୍ରହରରେ ବୋଧହୁଏ ଖାଇ ନ ଥିବ। ପ୍ରତି ଅଧଘଣ୍ଟାରେ ଥରେ ଆସି ଗେଟ୍ ପାଖରେ ଚାହିଁ ଦେଇ ଯାଉଥିବ। ତଥାପି ତା'ର ଇଚ୍ଛା ହେଉ ନ ଥିଲା ଘରକୁ ଫେରିବା ପାଇଁ। ଚାଲୁଚାଲୁ ତା'ର ଇଚ୍ଛା ହେଲା ଗୋଟାଏ ନିକାଞ୍ଚନ ସ୍ଥାନରେ ବିଲ୍‌କୁଲ ଏକୁଟିଆ ବସିବା ପାଇଁ। ଏବଂ ସେଇ ନିକାଞ୍ଚନ ସ୍ଥାନର ସନ୍ଧାନରେ ସେ ଅନ୍ୟମନସ୍କ ଭାବରେ ଚାଲିବାକୁ ଲାଗିଲା।

ଚାଲିଚାଲି ଯେତେବେଳେ ଚିନ୍ମୟ ହାଲିଆ ହୋଇଗଲା, ଅନୁଭବ କଲାଯେ ତା' ପେଟ ଭିତରେ ଅସମ୍ଭବ ଭୋକ। ଶୋଷ ବି। ସେ ପକେଟ୍‌ରୁ ପର୍ସ ବାହାର କରି ଖୋଲିଲା। ତା' ଭିତରେ ଥିଲା ସର୍ବମୋଟ ପାଞ୍ଚଶହ ନବେ ଟଙ୍କା। ଆସିଲାବେଳେ ଆରତୀ କହିଥିଲା– ହାଲୁକା ଗୋଲାପୀ ରଂଗର ଲାକ୍‌ମୀ ନେଲ୍‌ପଲିସିଟାଏ, ଛୋଟ ଡେନିମ୍ ପର୍ଫ୍ୟୁମଟିଏ, ଚଉତ୍ରିଶ୍ ସାଇଜର କଳା ବ୍ରା'ଟେ ଆଣିବା ପାଇଁ। ଏସବୁ ଅଢ଼େଇଶହ ଟଙ୍କା ଭିତରେ ହୋଇଯାଇପାରେ। ପାଞ୍ଚଶହ ନବେ ମାଇନସ୍ ଦୁଇଶହ ପଚାଶ ସମାନ ତିନିଶହ ଚାଳିଶ ଟଙ୍କା।

ଗୋଲ୍‌ଡ ରିବେଣ୍ଡର ନିବ୍‌ଟାଏ ଶହେ କୋଡିଏ ଟଙ୍କା, ଚିକେନ୍ ପକୋଡା ହାଫ୍‌ପ୍ଲେଟ ଷାଠିଏ ଟଙ୍କା, କାଜୁ, କାକୁଡ଼ି, ବିଲାତି, ଗାଜର, ସାଲାଡ୍ ଗୋଟାଏ ପ୍ଲେଟ ପଚାଶ ଟଙ୍କା, ଗୋଲ୍‌ଡ ଫ୍ଲେକ୍ ସିଗାରେଟ୍ ଗୋଟାଏ ପ୍ୟାକେଟ ଦୁଇଶହ ଟଙ୍କା... ନା...ନା, ଅଧା ପାକେଟ ଶହେ ଟଙ୍କା... ଆଃ... ପକେଟ୍‌ରେ ଆହୁରି ଦଶଟଙ୍କା!!

ଆମୋଦିତ ହୋଇଉଠିଲା ଚିନ୍ମୟ। ନିଜ ବାଟ ବଦଳାଇଲା ସେ।

ଗ୍ରୀନ୍ ଡାଇମଣ୍ଡ ବାର୍। ତା' ଟେବୁଲ ପାଖରେ ପୃଥିବୀର ସବୁଠୁ ଆଜ୍ଞାଧୀନ 'ବୟ'ଟିଏ। ପ୍ରଥମ ପେଗ୍ ଶେଷ କଲା ପରେ ଚିନ୍ମୟର ଭାରି ଇଚ୍ଛା ହେଲା କାହା ସହିତ ଗପିବା ପାଇଁ। ସେ ଚାରିଆଡ଼କୁ ଚାହିଁଲା ଏବଂ ହତାଶ ହେଲା। ଯୋଡ଼ି ଯୋଡ଼ି ହୋଇ ସମସ୍ତେ ବସିଛନ୍ତି, ପିଉଛନ୍ତି ଏବଂ ହସଖୁସିରେ ବ୍ୟସ୍ତ ଅଛନ୍ତି।

ଅତଏବ ସେ ନିଜକୁ ନିଜେ କହିଲା– ''ଜୀବନରେ ମୁଁ କେବେ ବାପା ହେବି ନାହିଁ।''

: କ'ଣ କହିଲେ ସାର୍! ଆଉ ଗୋଟାଏ ପେଗ୍ ଆଣିବି? – ଚାଲି ଯାଉଥିବା 'ବୟ'ଟି ଫେରି ଆସି ପଚାରିଲା।

ଆଁ... ହଁ! କହିଲା ଚିନ୍ମୟ, ଖଣ୍ଡେ କାକୁଡ଼ି ଓ ଦି'ଟା କାଜୁ ପାଟିରେ ପକାଉ ପକାଉ ତା' ମନ ଧୀରେ ଧୀରେ ହାଲ୍‌କା ଲାଗିଲା। ତାକୁ ଲାଗିଲା, ମ୍ଳାନ ନୀଳ ଆଲୋକରେ ସଜ୍ଜିତ ଏ ବାର୍‌ଟି ବୋଧହୁଏ ପୃଥିବୀର ସବୁଠୁଁ ଆରାମଦାୟକ ସ୍ଥାନ। ୟା' ଭିତରେ ଚଳପ୍ରଚଳ ହେଉଥିବା ମଣିଷମାନେ ହିଁ ସବୁଠୁ ସୁଖୀ ମଣିଷ। ଆଉ ଗୋଟାଏ ପେଗ୍ ଉଦରସ୍ଥ କରିସାରି ସେ ହାତଠାରି ଡାକିଲା 'ବୟ'ଟିକୁ।

ସାର୍! – ବିନମ୍ରତାର ସହ 'ବୟ' ତା' ପାଖରେ ଠିଆ ହେଲା। ତା' ହାତଟିକୁ ଧରି ପକାଇ ତା' ମୁହଁକୁ ଚାହିଁ ଚିନ୍ମୟ ପଚାରିଲା– 'ହ୍ୱାଟ୍‌ସ ୟୋର ନେମ୍?'

: ବିକ୍ରମ, ସାର୍! – 'ବୟ' କହିଲା।

: ଭେରିଗୁଡ୍ ନେମ୍! ତୁମର ବାପା ଅଛନ୍ତି?

: ଆଜ୍ଞା!

: ଗୁଡ୍! ମୋର ବି ଅଛନ୍ତି। ଭାରି ନାମକରା ବାପା ଜଣେ। ପୃଥିବୀ ବିଖ୍ୟାତ ବାପା! ଆଚ୍ଛା ତୁମେ ବାହା ହୋଇଛ?

: ହଁ, ସାର୍।

: ଭେରି ଗୁଡ୍। ବାହା ହୋଇଛ, ଭଲ କରିଛ। ହେଲେ କେବେ ବାପା ହେବାକୁ ଚେଷ୍ଟା କରିବନି। ମୁଁ ତ ପ୍ରତିଜ୍ଞା କରିଛି, ଏଇଠି ଏବେ ଏଇ ମଦପିଆଲା ଛୁଇଁ ଭୀଷ୍ମ ପ୍ରତିଜ୍ଞା କରୁଛି ଯେ, ଜୀବନରେ ମୁଁ କେବେ ବାପା ହେବିନି... ବୁଝିଲ, ଦୁନିଆର ସବୁ ବାପାମାନେ ସ୍ୱାର୍ଥପର, ବେଇମାନ, ସୁବିଧାବାଦୀ... ଚିନ୍ମୟର କଥାରେ ପୂର୍ଣ୍ଣଚ୍ଛେଦ ନ ଥିଲା।

ଟିକେ ଦୂରରେ, କାଉଣ୍ଟରରେ ବସିଥିବା ଡାହାଣ ହାତ ବଳାରେ ପାଞ୍ଚ ସାତ ଭରି ଓଜନର ସୁନାର ବ୍ରେସ୍‌ଲେଟ୍, ବେକରେ ବିଶି ଆଙ୍ଗୁଠି ମୋଟର ଚେନ୍, ଆଙ୍ଗୁଠିରେ ଚାରି



ଛ'ଟି ମୁଦି ପିନ୍ଧିଥିବା, ମୁହଁରେ ମେଞ୍ଚେ ଦାଢ଼ି ରଖିଥିବା ହୃଷ୍ଟପୁଷ୍ଟ ଯୁବକଟି ମୁହଁ ଟେକି ଚାହିଁଲା ଓ ଇସାରାରେ 'ବୟ'କୁ ପାଖକୁ ଡାକି କହିଲା– ''ସେ ଟୋକାକୁ ଉଠା ସେଠୁ। ଶଳାଟାକୁ ନିଶା ହୋଇଗଲାଣି। ନେ ଏ ବିଲ୍ ନେଇ ତା'ଠୁ ଟଙ୍କା ଆଣ, ଭଗା ତାକୁ।''

ବସିବା ସ୍ଥାନରୁ ଉଠି ଗେଟ୍ ପର୍ଯ୍ୟନ୍ତ ଆଠ ଦଶ ପାହୁଣ୍ଡ ଅତିକ୍ରମ କରିବା ପାଇଁ ପାଞ୍ଚ ମିନିଟ ସମୟ ଲାଗିଗଲା ଚିନ୍ମୟକୁ। ସେତିକି ସମୟ ଭିତରେ ସେ ତିନିଥର ଝୁଣ୍ଟିଲା, ଥରେ ତଳେ ପଡ଼ି ଯାଉଯାଉ ଗେଟ୍‌କୁ ଧରି ନିଜକୁ ସମ୍ଭାଳି ନେଲା। ଯାଉଯାଉ ପୁଣି ଫେରିଆସି ପୂର୍ବପରିଚିତ 'ବୟ'ଟିର କାନ ପାଖରେ ଗୁପ୍ତ କଥାଟିଏ କହିବା ପରି ଚୁପିଚୁପି କହିଲା– ''ଜମା ଭୁଲିବନି ମୋ' କଥା। ବାହା ହେଉଛ ଚଳିବ। ବାପା ହେବନି କେବେ। ମୁଁ ତ ଶଳା ପୂରା ପ୍ରତିଜ୍ଞା କରିଛି ଏ ଜୀବନରେ କେବେ ବାପା ହେବିନି। ସଂସାରର ସବୁ ବାପାମାନେ ସୁବିଧାବାଦୀ... ବେଇମାନ୍... ସ୍ୱାର୍ଥପର...।

ଚିନ୍ମୟ ପାଖରେ ଟଙ୍କା ନ ଥିଲା। ରାସ୍ତାରେ ଯଦିଓ ଅଟୋ ଥିଲା। ତେଣୁ ସେ ଚାଲିଚାଲି ଫେରୁଥିଲା। ଘର ପାଖରେ ଆସି ଠିଆହେଲା। ଗୋଇଠାଟାଏ ପକାଇଲା ଦାଣ୍ଡ କବାଟକୁ। ଆରତୀ ସେତେବେଳ ଯାଏ ଶୋଇ ନ ଥିଲା। ଚିନ୍ମୟର ନାଲି ଟୁକୁଟୁକୁ ଆଖି ଓ ଟଳମଳ ଚାଲିକୁ ଦେଖି ସେ ଜାଣିଲାଯେ, ସବୁଦିନ ପରି ଆଜି ବି ସେ ମାତାଲ। ତାକୁ ରାସ୍ତାକଡ଼ରେ ଅନାବନା ଗଛଟିଏ ଭାବି ଚିନ୍ମୟ ଘର ଭିତରକୁ ପଶିଲା ଏବଂ ଲଂଘାରେ ବସିପଡ଼ି ପାଦରୁ ଜୋତା ଖୋଲି ଖୁବ୍ ଜୋରରେ ବାପାଙ୍କ ଶୋଇବା ଘରଆଡ଼କୁ ଫିଙ୍ଗି ପୁଣି ଥରେ ଘୋଷଣା କଲା– ''ସତ୍ୟ ସତ୍ୟ ତ୍ରିବାର ସତ୍ୟ... ଜୀବନରେ ମୁଁ କେବେ ବି ବାପା ହେବି ନାହିଁ...।''

ଚିନ୍ମୟର ଏ ପ୍ରକାର ବ୍ୟବହାର ସହିତ ଆରତୀ ଅନେକଦିନ ଧରି ଅଭ୍ୟସ୍ତ। ସେଦିନ ବି ସେ ଚୁପ୍‌ଚାପ୍ ଠିଆ ହୋଇ ନୀରବରେ ହଜମ କଲା ତା' ଦୌରାତ୍ମ୍ୟ। କିଛି ସମୟ ପରେ ଧୀର ଗଳାରେ ଡାକିଲା– ''ରାତି ଅନେକ ହେଲାଣି। ପାଟି କରନା। ଧୁଆଧୋଇ ହୋଇ ଆସ। ମୁଁ ଖାଇବାକୁ ବାଢ଼ୁଛି।''

ଚିନ୍ମୟ ଦେହରେ ସତେକି ନିଆଁ ଲାଗିଗଲା। ତା' ପାଟି ଆହୁରି ଅଣାୟତ୍ତ ହୋଇପଡ଼ିଲା।

''ବେଶି ସତୀପଣିଆ ଦେଖାନା। ଚୁପ୍‌ଚାପ୍ ଶୋଇବୁ ଯା'। ମୋ ସହିତ ବେଶି ବକବକ ହେଲେ ନିଆଁ ଲଗାଇ ଦେବି ଏ ଘରେ।''

କୌଣସି ପ୍ରତିକ୍ରିୟା ହେଲାନି ଆରତୀର। ସେ ତ କଂସାରିଘର ପାରା। ଆଜି ନୁହେଁ, ବର୍ଷବର୍ଷ ଧରି ଏପରି ପରିସ୍ଥିତିକୁ ସାମ୍ନା କରିଆସୁଛି। ଆଜି ତା'ର ପୁନରାବୃତ୍ତି ମାତ୍ର!

''ହଉ ଉଠ– ଆର୍ଦ୍ର କଣ୍ଠରେ କହିଲା ଆରତୀ– ଖାଇବା ଥଣ୍ଡା ହୋଇଗଲାଣି। ଗରମ କରିଦେଇଥାନ୍ତିଯେ, ଦ୍ୱିପ୍ରହରଠାରୁ ଗ୍ୟାସ୍ ସରିଯାଇଛି।''

: ସରିଯାଉ ସବୁ। ମରିଯାଆନ୍ତୁ ସମସ୍ତେ। ମୁଁ କିନ୍ତୁ କହିଦେଉଛି... ଜୀବନରେ କେବେ ମୁଁ ବାପା ହେବିନାଇଁ। ସବୁ ବାପାମାନେ ବେଇମାନ୍... ସ୍ୱାର୍ଥପର... ଶଃ... ଉଠୁଉଠୁ ଗୋଡ଼ ଖସିଗଲା ଚିନ୍ମୟର। ପଡ଼ି ଯାଉଯାଉ ସେ ନିଜକୁ ସମ୍ଭାଳି ନେଲା ଏବଂ ପ୍ରଳାପ କଲା– ''ଶଃ, ଏଇଟା ଘର ନା କବରଖାନା! ୟା'ଠାରୁ ବରଂ ଢେର ଭଲ ଫୁଟ୍‌ପାଥ କିମ୍ବା ଜଗନ୍ନାଥ ବସ୍ତି। ଘର ନାଁ ଦିଆଯାଇଛି 'ସଂଗ୍ରାମ ଭବନ'! କି ଛେନାଗୁଡ଼ ସଂଗ୍ରାମ କରିଥିଲଯେ, ଘର ନାଁ ଦେଇଦେଲ 'ସଂଗ୍ରାମ ଭବନ'?

ସେ ଟଳିଟଳି ଘର ଭିତରେ ପଶିଲା ଏବଂ ଭିତରୁ ଧଡ଼୍‌କରି କବାଟ ବନ୍ଦ କରିଦେଲା। ବାରଣ୍ଡାରେ ବସି ଆରତୀ ଚାହିଁ ରହିଥିଲା ଦଶମୀ ତିଥିର ଜହ୍ନକୁ। ଆକାଶରେ ମେଞ୍ଚାମେଞ୍ଚା ବାଦଲଙ୍କ ମେଳରେ ମହାକୌତୁକରେ ଲୁଚକାଳି ଖେଳରେ ମାତିଛି ଜହ୍ନ। ସେ ଜାଣେ, ଆଉ ତିନି ଚାରିଘଣ୍ଟା ପରେ ସବୁ ରାତି ପରି ଏ ରାତି ବି ପାହିବ। ମହାକାଳର ଅନନ୍ତ ପାକସ୍ଥଳୀରେ ହଜମ ହୋଇଯିବ ଆଉ ଗୋଟିଏ ଦିନର ଆୟୁଷ। ପୂର୍ବ ଦିଗକୁ ଅଭିଭୂତ କରି, ଅନେକ ପ୍ରତିଶ୍ରୁତିକୁ ସାଙ୍ଗରେ ଧରି ସୂର୍ଯ୍ୟ ଉଇଁବ। କିଛି ଘଣ୍ଟା ଧରି ବିଶ୍ରାମ ନେଉଥିବା ପୃଥିବୀ କଅଁଳା ବାଛୁରୀ ପରି ଚଳଚଞ୍ଚଳ ହୋଇଉଠିବ। କେବଳ ସ୍ଥିର ଓ ଅବିଚଳିତ ହୋଇ ପଡ଼ିରହିବ ଏଇ 'ସଂଗ୍ରାମ ଭବନ'। ତା' ଭିତରେ ଜରାଜୀର୍ଣ୍ଣ ଜଣେ ବୃଦ୍ଧ, ସମଗ୍ର ପୃଥିବୀକୁ ନିଜର ଶତ୍ରୁ ବୋଲି ଭାବୁଥିବା ଶିକ୍ଷିତ ବେକାର ଯୁବକ ଜଣେ ଏବଂ ଏ ପାଖରେ ବୃଦ୍ଧ ଶ୍ୱଶୁର ଏବଂ ସେପାଖରେ ଅଣାୟତ୍ତ ସ୍ୱାମୀ– ଦି'ନାବରେ ଗୋଡ଼ ଦେଇ ହନ୍ତସନ୍ତ ହେଉଥିବା ବୋହୂଟିଏ... ସ୍ତ୍ରୀ ଟିଏ!

ଆସନ୍ତା ସତେଇଶ ତାରିଖ ଚିନ୍ମୟର ଜନ୍ମଦିନ। ତେତିଶତମ ଜନ୍ମଦିନ। ବତିଶ ପୂରିଯିବ, ତା' ସହିତ ସରିଯିବ ସରକାରୀ ଚାକିରି କରିବାର ବୟସ। କିଛିବର୍ଷ ହେବ ଏଇ ଦିନମାନଙ୍କରେ ଚିନ୍ମୟ ଖୁସି ହେବା ପରିବର୍ତ୍ତେ ଉଦାସ ହୋଇଯାଏ। କଳାହାଣ୍ଡିଆ ମେଘ ଘୋଟିଆସେ ତା' ମୁହଁ ଉପରକୁ।

ଅଥଚ କଲେଜରେ ପଢୁଥିବା ବେଳେ ଆରତୀର ସ୍ପଷ୍ଟ ମନେଅଛି, ଜନ୍ମଦିନଟିକୁ ଭାରି ହସ ମଉଜରେ ବିତାଉଥିଲା ଚିନ୍ମୟ। ନୂଆ ଜାମା ପିନ୍ଧି କଲେଜ ଆସୁଥିଲା, ସାଙ୍ଗସାଥୀ ମେଳରେ ଗମାତ କରୁଥିଲା। ସେ ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କ ପୁଅ, ଏକଥା ସାରା କଲେଜରେ ପ୍ରଘଟ ହୋଇ ଯାଇଥିଲା। ଚିନ୍ମୟ ଅନ୍ୟମାନଙ୍କଠାରୁ ନିଜକୁ ସ୍ୱତନ୍ତ୍ର ମନେକରୁଥିଲା। ସଭାସମିତିଗୁଡ଼ିକରେ ବକ୍ତାମାନେ ତା' ବାପାଙ୍କ ନାମ ନେଉଥିବା ବେଳେ ସେ ଗର୍ବିତ, ପୁଲକିତ ହେଉଥିଲା।



ଏମ୍.ଏ. ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ପରେ କଲେଜରେ ତାକୁ ସମ୍ବର୍ଦ୍ଧନା ଦେବା ପାଇଁ ଏକ ବିଶେଷ ଉତ୍ସବର ଆୟୋଜନ କରାଯାଇଥିଲା। ଉଚ୍ଛ୍ୱସିତ କରତାଳି ଓ ଫୁଲତୋଡ଼ା ମାଧ୍ୟମରେ ତାକୁ ସମ୍ବର୍ଦ୍ଧିତ କରି ଅଧ୍ୟକ୍ଷ କହିଥିଲେ– ''ଚିନ୍ମୟ ମହାନ୍ତି ଏଇ କଲେଜର ଗର୍ବ ଓ ଗୌରବ। ବିଶିଷ୍ଟ ଗାନ୍ଧୀବାଦୀ, ସ୍ୱାଧୀନତା ସଂଗ୍ରାମୀ ଶ୍ରୀଯୁକ୍ତ ନଟବର ମହାନ୍ତିଙ୍କ ସୁପୁତ୍ରକୁ ଛାତ୍ର ରୂପେ ପାଇ ଆମେ ସମସ୍ତେ ଗର୍ବିତ।''

''ହାର୍ଟି କନ୍‌ଗ୍ରାଚ୍ୟୁଲେସନ୍ସ''! – ଘରକୁ ଫେରୁଥିବାବେଳେ ପଛରୁ ଶୁଭିଲା ନାରୀ ସ୍ୱର। ପଛରେ ଥିଲା ଆରତୀ ଓ ମୁର୍କେଇ ମୁର୍କେଇ ହସୁଥିଲା। ଦୁଇଟି ତଳ ଶ୍ରେଣୀରେ ପଢୁଥିବା ଆରତୀ ଭାରି ରୋକଠୋକ ଓ ବ୍ରିଲିୟାଣ୍ଟ ଝିଅ। ସୁନ୍ଦରୀ ମଧ୍ୟ। ଅନେକ ଦିନଧରି ସେ ଆକର୍ଷିତା ହୋଇ ପଡ଼ିଥିଲା ଚିନ୍ମୟ ପ୍ରତି। ଚିନ୍ମୟ ମଧ୍ୟ।

ଦିନେ ହଠାତ୍ ଚିନ୍ମୟର ମନେହେଲା ଏ ଝିଅଟିକୁ ନେଇ ସଂସାର କରାଯାଇପାରେ, ଜୀବନ ବୈତରଣୀକୁ ଅତିକ୍ରମ କରାଯାଇପାରେ।

ଭାବିଲା ଏବଂ ନିଜ ଭାବନାକୁ କାର୍ଯ୍ୟକାରୀ କଲା ଠିକ୍ ଛ' ମାସ ପରେ। ଆରତୀ ତା' ସ୍ତ୍ରୀ ହୋଇ ଆସିଲା ତାଙ୍କ ଘରକୁ।

ସେତେବେଳେ ମନରେ ଥିଲା ଗୋଟେ ବିରାଟ ଭରସା। ବାପାଙ୍କର ପଦେକଥା ହିଁ ତା' ପାଇଁ ସବୁକିଛି ଯୋଗାଡ଼ କରିଦେଇପାରେ। ଏତେ ବଡ଼ ନାମକରା ଜଣେ ସ୍ୱାଧୀନତା ସଂଗ୍ରାମୀ... ତାଙ୍କ କଥା କେଉଁ ନେତା ମନ୍ତ୍ରୀ ଟାଳିଦେବ? କେବଳ ପାଟି ଫିଟିଲେ ହେଲା!

ଅଥଚ ମାତ୍ର ଦୁଇ ତିନିଟା ବର୍ଷ ଭିତରେ ସବୁଯାକ ସମ୍ଭାବନା ହଜିଗଲା କୁଆଡ଼େ! ଏକଦା ଜଣେ ମେଧାବୀ ଛାତ୍ରକୁ ନିର୍ଦ୍ଦୟ ସମୟ ଘୋଷାଡ଼ି ନେଇ କେଉଁଠି ଫୋପାଡ଼ିଲାଣି, ଦେଖ!

ଇଣ୍ଟରଭ୍ୟୁ ପରେ ଇଣ୍ଟରଭ୍ୟୁ। ହତାଶା ପରେ ହତାଶା। ବାପା କିନ୍ତୁ ପାଟି ଫିଟାଉ ନ ଥିଲେ। କାଳେ ତାଙ୍କ ସ୍ୱାଭିମାନ, ଆତ୍ମସମ୍ମାନ ଉପରେ ଆଞ୍ଚ ଆସିବ, କାଳେ ତାଙ୍କର ଗୌରବ ହାନି ହୋଇଯିବ, କାଳେ ଅନ୍ୟ ନଜରରେ ସେ ଛୋଟ ହୋଇଯିବେ, ତେଣୁ ସେ ପାଟି ଫିଟାଉ ନ ଥିଲେ। ଅନେକବର୍ଷ ଆଗରୁ ମା' ହରାଇଥିବା ଚିନ୍ମୟ ଦିନକୁ ଦିନ ଅଧିକ ଛେଉଣ୍ଡ ହୋଇଯିବା ପରି ଅନୁଭବ କରୁଥିଲା। 'ବାପା' ନାମକ ଏ ଦୁଇଟି ଅକ୍ଷରଯେ ତା' ଜୀବନର ସବୁଠୁ କରୁଣ ପରାଜୟ, ଏ ଧାରଣାଟି ବଦ୍ଧମୂଳ ହୋଇ ଯାଉଥିଲା ତା' ଭିତରେ।

ସେଦିନ ସକାଳୁ ବାହାରି ଯାଇଥିଲା ଚିନ୍ମୟ। ଯିବା ସମୟରେ ଘର ଭିତରୁ ଶୁଭିଲା– ''ଚିନୁ, ଟିକେ ଶୁଣିଯିବୁ କିରେ ବାବୁ...''

ଚିନୁ ଓରଫ ଚିନ୍ମୟ କାନରେ ଯେ ଏ ଡାକ ନ ପଡ଼ିଲା, ସେକଥା ନୁହେଁ। ଏପରି ଡାକଟେ ଶୁଣିଲେ ଏବେ ତା' ଦେହ ଶୂଳେଇ ହୋଇଯାଏ। ରାଗରେ ବିକୃତ ହୋଇଯାଏ ମୁହଁ। ଏକ ବଳିଷ୍ଠ ପୈଶାଚିକତା ତା'ର ସମସ୍ତ ଚେତନା ଓ ଭାବନା ଶକ୍ତିକୁ ଗ୍ରାସ କରିଯାଏ। ତା' ଭିତରର ସ୍ତୂପୀକୃତ କ୍ରୋଧ ବାହାରକୁ ବାହାରି ଆସିବା ପାଇଁ ଅଥୟ ହୋଇପଡ଼େ।

ଜୀବନର ଶେଷ ସୁଯୋଗ। ମନ୍ତ୍ରୀଙ୍କ ବଙ୍ଗଳା ପାଖରେ ପହଞ୍ଚି ଅପ୍ରସ୍ତୁତ ହୋଇପଡ଼ିଲା ଚିନ୍ମୟ। ସକାଳ ସାଢ଼େଆଠଟା ବାଜିଲାଣି। ମନ୍ତ୍ରୀଙ୍କ ଦରବାରରେ ବିଶେଷ ଲୋକଗହଳି ନ ଥିଲା ସେଦିନ। ଦିଅଁ ଦର୍ଶନର ଯୋଗ ଆଜି ଅଛି ନିଶ୍ଚୟ।

କୁଆଡେ?– ଗେଟ୍ ପାଖରେ ଜଗୁଆଳି ତାକୁ ଅଟକାଇ ପଚାରିଲା।

: ମନ୍ତ୍ରୀଙ୍କ ପାଖକୁ। ଉତ୍ତର ଦେଲା ଚିନ୍ମୟ– ମୋର ଗତ ସପ୍ତାହରୁ ଆପଏଣ୍ଟମେଣ୍ଟ ଅଛି। ସୁବ୍ରତ ବାବୁ ଚିଠି ଲେଖି ପଠାଇଛନ୍ତି।

: ସୁବ୍ରତ ବାବୁ? ସେ କିଏ? ଗୁଟ୍‌ଖା ଜରି ଚିରି ନବାବଙ୍କ ପରି ପାଟିରେ ପକାଇ ପଚାରିଲା ଜଗୁଆଳି।

: ଆମ ଏରିଆ ଏମ୍ଏଲ୍ଏ।

: ହଉ ରୁହ। ଅପେକ୍ଷା କର। ସାର୍‌ଙ୍କ ନିତ୍ୟକର୍ମ ସାରିବା ସମୟ।

ପ୍ରାୟ ଅଧଘଣ୍ଟା ଅପେକ୍ଷା କରିବା ପରେ ପଚାରିଲା ଚିନ୍ମୟ– 'ଯିବି?'

: ଅପେକ୍ଷାକର! ସାର୍‌ଙ୍କ ଟିଫିନ କରିବା ବେଳ।

: କୋଡିଏ ମିନିଟ୍ ପରେ – 'ଯିବି?'

: ଏବେ ବିଶ୍ରାମ ସମୟ।

ଶହେ ଟଙ୍କିଆ ନୋଟ୍ ଖଣ୍ଡେ ଚିନ୍ମୟ ଗୁଞ୍ଜିଦେଲା ଜଗୁଆଳି ହାତରେ ଏବଂ ବିନା ପ୍ରତିବନ୍ଧକରେ ପଶିଲା ଭିତରକୁ।

କାଲି ସନ୍ଧ୍ୟାବେଳେ ସୁବ୍ରତବାବୁ ଚିଠି ଲେଖୁଥିବାବେଳେ କହୁଥିଲେ– ''ମନ୍ତ୍ରୀ ଭାରି ଭଲ ଲୋକ। ତୁମ ବାପାଙ୍କୁ ଭାରି ସମ୍ମାନ କରନ୍ତି। ଏ ଚିଠିଟା ତାକୁ ଦେବା ସହିତ ବାପାଙ୍କ ପରିଚୟ ବି ଦେବ।''

ଦେଲା। ନିଜ ନାଁ, ଗାଁ, ନିର୍ବାଚନମଣ୍ଡଳୀ ବିଷୟରେ କହିସାରି ଚିନ୍ମୟ ଶେଷରେ ବାପାଙ୍କ ନାଁ କହିଲା। ମନ୍ତ୍ରୀ ଅଭିଭୂତ ହୋଇପଡ଼ିଲେ। ଉଲ୍ଲସିତ ଗଳାରେ କହିଲେ– ''କ'ଣ କହିଲ? ଆପଣ... ଆଇ ମିନ୍ ତୁମେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଆମ ରାଜ୍ୟର ଗର୍ବ ଓ ଗୌରବ ଶ୍ରୀମାନ୍ ନଟବର ମହାନ୍ତିଙ୍କ ସୁପୁତ୍ର?''

ଆଜ୍ଞା! ଉତ୍ସାହିତ ସ୍ୱରରେ କହିଲା ଚିନ୍ମୟ।

: କେମିତି ଅଛନ୍ତି ସାର୍? ତିନିଚାରି ବର୍ଷ ପୂର୍ବେ ତାଙ୍କୁ ଭେଟିବାର ସୌଭାଗ୍ୟ ମୋର ହୋଇଥିଲା ନାରଣପୁର ସ୍କୁଲ୍‌ରେ, ଅଗଷ୍ଟ ପନ୍ଦରରେ। ତା'ପରେ ଯେତେଥର ଭାବିଛି ଯାଇ ଦେଖାକରି ଆସିବି, ସମ୍ଭବ ହୋଇପାରି ନାହିଁ କାର୍ଯ୍ୟବ୍ୟସ୍ତତା ଯୋଗୁ। ମୋର ପ୍ରଣାମ ଜଣାଇବ ସାର୍‌ଙ୍କୁ।

ମନ୍ତ୍ରୀ ଗଦଗଦ ସ୍ୱରରେ କହିଲେ ଏବଂ ପରବର୍ତ୍ତୀ ଅପେକ୍ଷାକାରୀଙ୍କୁ ଭିତରକୁ ପଠାଇବା ପାଇଁ ଇସାରା କଲେ।

: ମୁଁ ସାର୍ ଆସିଥିଲି....

ଆଉ କହିବା ଦରକାର ନାଇଁ କିଛି! ଚିଠିରେ ସବୁ ଲେଖାଅଛି। ତୁମ ବାୟୋଡାଟା ମୋ ପି.ଏ.ଙ୍କୁ ଦେଇଯାଅ। ମୁଁ ବୁଝୁଛି... ମନ୍ତ୍ରୀ ଆଶ୍ୱାସନା ଦେଲେ।

ମନ୍ତ୍ରୀ କିଛି ବୁଝି ନ ଥିଲେ। ମନ୍ତ୍ରୀମାନେ କେବେ କିଛି ବୁଝନ୍ତି ନାହିଁ। ପରୀକ୍ଷା ଫଳାଫଳ ବାହାରି ସାରି ପନ୍ଦର ଜଣ ପ୍ରାର୍ଥୀ ପୋଷ୍ଟିଂ ପାଇ ସାରିଥିଲେ ଇତିମଧ୍ୟରେ।

ଏ ପୃଥିବୀ ବଡ଼ ବିଦ୍ରୂପମୟ। ଏଠାରେ ସମ୍ବେଦନଶୀଳତା ନାହିଁ, ଅଛି କେବଳ ନିର୍ମମ ସ୍ୱାର୍ଥପରତା। ଏହାର ଶିକାର ହେଉଥିବା ବିଚରା ମଣିଷଟି ତଳିତଳାନ୍ତ ନ ହେବାଯାଏଁ ଏହାର ଅନ୍ତ ନ ଥାଏ। ଚିନ୍ମୟ ଭିତରେ ବିଦ୍ରୋହର ଲେଲୀହାନ ଶିଖା ତେଜିୟାନ୍ ହୋଇଯାଏ। ତାକୁ ଲାଗେ, ତା' ବ୍ୟତୀତ ଏ ସଂସାରରେ ସବୁ ପରିମାର୍ଜିତ, ସମ୍ପୂର୍ଣ୍ଣ। ଅସମ୍ପୂର୍ଣ୍ଣତା ଓ ତ୍ରୁଟିପୂର୍ଣ୍ଣତାକୁ ବୋହିବୋହି ସେ ହିଁ ଏ ସଂସାର ଭିତରେ ବଞ୍ଚିବ ଏବଂ ଧୀରେଧୀରେ ଶେଷ ହୋଇଯିବ ପରମାୟୁ।

– ଏ.ଜି. ଅଫିସ, ଭୁବନେଶ୍ୱର



କ୍ଷୁଦ୍ର ଗଳ୍ପ

# ଗୀତି କବିତା

ଭବାନୀ ଶଙ୍କର ଦାଶ

ସବୁ କିଛି ସରିଯାଇଥିଲା ସେତେବେଳକୁ। ବୁଝିବା ବୟସର ଚାଲାକ୍ ଝିଅ ଅନୀତା। ପାଠ ପଢ଼ିବା ବେଳେ ସହପାଠୀମାନଙ୍କୁ ଆଡ଼ ଆଖିରେ ଅନେଇବାଟା ଯାହା ପାଇଁ ଥିଲା ଜଘନ୍ୟ ଅପରାଧର କଥା, ସିଏ କେମିତି କେଜାଣି ଚାକିରି କଲା ପରେ ବଦଳିଗଲା।

ଅନୀତାକୁ ଯେତେବେଳେ ମାତ୍ର ୧୧ ବର୍ଷ ବୟସ, ସେତେବେଳେ ମାଆ ଚାଲିଗଲେ। ବାପା–ମା'ଙ୍କର ଏକମାତ୍ର ଝିଅ ସେଇ ବୟସରୁ ସଂସାରକୁ ମାପି ଚାଲିଥିଲା। ତିନି ଭାଇରେ ଗୋଟିଏ ଭଉଣୀ ସିଏ। ସେଇ ବୟସରୁ ସେ ତା' ପାରୁପର୍ଯ୍ୟନ୍ତ ଚେଷ୍ଟା କରେ ମା' ନ ଥିବାର ଦୁଃଖକୁ ସହ୍ୟ କରିଦେବା ପାଇଁ। ବାପା ଓ ଭାଇଙ୍କ ମନରୁ ଛଡ଼ାଇ ନେବା ପାଇଁ। ପ୍ରଥମେ କଲେଜ ଗଲାବେଳେ ବାପା କହିଥିଲେ– ''ଅନୀ, କଲେଜ ଏକ ସ୍ୱାଧୀନ ବିଚରଣ କେନ୍ଦ୍ର। ନିଜକୁ ଯିଏ ଉଚିତ ମାର୍ଗରେ ଏଠି ଚଳେଇ ନେଇପାରେ, ତା' ଜୀବନରେ ଏଇଠୁ ଆରମ୍ଭ ହୋଇଯାଏ ବିଡ଼ମ୍ବନାର ପର୍ବ। ତୋ ଉପରେ ମୋର ଭରସା ଅଛି। ଏମିତି କିଛି କରିବୁ ନାହିଁ, ଯେଉଁଥିରେ ମୋତେ ଅପମାନିତ ହେବାକୁ ପଡ଼ିବ।''

ବାପାଙ୍କର ଏମିତି କଥାକୁ ଅକ୍ଷରେ ଅକ୍ଷରେ ମାନି ଚଳିଥିଲା ସେ। ପାଠପଢ଼ା ସରିଲା। ବାପାଙ୍କର ଚିନ୍ତା ବଡ଼ପୁଅ ଓ ଝିଅର ବାହାଘର ଏକାଠି କରେଇଦେଲେ ବୋଝ ଲାଘବ ହେବ। ଆଜିକାଲିର ଯୌତୁକ ରାକ୍ଷସର ଅଟ୍ଟହାସ ତ ସବୁଠି। ବିଭାଘର ଖୋଜାଖୋଜି ଚାଲିଲା ୟା' ଭିତରେ। ପାଖ କଲେଜରେ ଅଧ୍ୟାପକ ପଦବୀ ପାଇଁ ବିଜ୍ଞାପନ ଦେଖି ବାପାଙ୍କ ମତାମତ ଲୋଡ଼ିଲା ଅନୀତା। ବାପା ସମ୍ମତ ହେଲେ। ବିନା ଉତ୍କୋଚରେ ବେସରକାରୀ କଲେଜରେ ଅଧ୍ୟାପନା ସୁଯୋଗ ବି ମିଳିଗଲା। ନୂଆ ନୂଆ ଅଧ୍ୟାପନାଟା ବି ବେଶ୍ ଭଲ ଲାଗୁଥିଲା ତାକୁ। ସଦ୍ୟ ପାଠ ପଢ଼ା ଛାଡ଼ିଥିବା ଅନୀତାର ପଢ଼ା ଶୈଳୀ ଥିଲା ଚମତ୍କାର। କଲେଜର କଅଁଳ ବୟସର ପିଲାଙ୍କ ଭିତରେ ସେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିନେଲା।

ଷ୍ଟାଫ୍ କମନ୍ ରୁମ୍‌ରେ ବସିଥିଲା ବେଳେ ଅନ୍ୟ ଅଧ୍ୟାପକଙ୍କ ଆଚରଣରେ ସେ ମନେମନେ ଖୁବ୍ ହସେ। ସମସ୍ତଙ୍କ ଭିତରେ ସେ ଲକ୍ଷ୍ୟକରେ ତା'ର ଆପଣାର ହେବା ପାଇଁ ଏକରକମର ପ୍ରତିଯୋଗିତା ଚାଲିଛି। ଘରଠାରୁ ସାତ କିଲୋମିଟର ବସ୍‌ରେ ଗଲେ ରାସ୍ତା କଡ଼ରେ କଲେଜ। ବସ୍‌ରେ ଉଠିବା ଆଗରୁ କଣ୍ଡକ୍ଟର ତା' ପାଇଁ ବସିବା ବ୍ୟବସ୍ଥା କରିଦିଏ। ରେଜା ପଇସା ଥିଲେ ନିଏ, ନ ହେଲେ ନାହିଁ। ବେଳେବେଳେ କଣ୍ଡକ୍ଟର ରେଜା ପଇସା ଦେଲାବେଳେ ଚେଷ୍ଟା କରେ ତା' ହାତକୁ ଟିକେ ଛୁଇଁଦବା ପାଇଁ। ମାଡାମ୍‌ଙ୍କର ଯିବା ଆସିବାରେ ଯେପରି ଅସୁବିଧା ନ ହୁଏ, ସେଥିପ୍ରତି ସମସ୍ତେ ଲକ୍ଷ୍ୟ ରଖିଥା'ନ୍ତି।

ସବୁଦିନ ପରି ଦିନେ କମନ୍‌ରୁମ୍‌ରେ ବସିଥିଲା ବେଳେ ରବି ସାର୍ ଆସି ପାଖରେ ବସି ଦୁଃଖସୁଖ କଥା ହେଲେ। କାହିଁକି କେଜାଣି କ୍ରମେ ଏହି ଦୁଃଖ ସୁଖ ଏକ ରୁଟିନ୍‌ବନ୍ଧା କାର୍ଯ୍ୟ ହୋଇଗଲା। ବିବାହିତ ରବି ସାର୍ ଖୁବ୍ ଭଦ୍ର, ଅମାୟିକ। ତାଙ୍କ ବ୍ୟକ୍ତିତ୍ୱ ଓ ଚରିତ୍ର ଉପରେ କାହାର ସନ୍ଦେହ ନ ଥିଲା। ହଠାତ୍ କଥା ହେଲା ବେଳେ ଦିନେ ରବି ସାର୍ ଟିପୟ ଉପରେ ପଡ଼ିଥିବା ଦୈନିକ ଖବରକାଗଜ ଉପରେ ଲେଖିଦେଲେ ବିଭାଘର କେବେ! ଅନୀତାକୁ କେମିତି ଅପ୍ରସ୍ତୁତ ଲାଗିଲା। ଗପ କରିବା ଭିତରେ ଆନମନା ହୋଇ ସେ ବି ଲେଖିଦେଲା ସାଦି ବରବାଦୀ। ବାସ୍, ତା'ପରେ କଥାବାର୍ତ୍ତା ନେଇ ବଣ ପାହାଡ଼ ନ ମାନି ଆଗେଇ ଚାଲିଲେ। ସାଧାରଣରେ ଯାହା ଆପତ୍ତିଜନକ ମନେହୁଏ, ସେପରି କଥାକୁ ଇଂରାଜୀ ଅକ୍ଷରରେ ଲେଖି ଉଭୟେ କଥା ହେଲେ।

ୟା' ଭିତରେ ଅନୀତା ମାଡାମ୍‌ଙ୍କର ବିଭାଘର ସ୍ଥିର ହୋଇଗଲା। ବ୍ରାଇଁ କମ୍ପ୍ୟୁଟର ଇଞ୍ଜିନିୟର୍। ଦିଲ୍ଲୀରେ ଚାକିରି କରିଛି। କନ୍ୟାଦେଖା ଦେଇ ସେମାନେ ଚାଲି ଯାଇଛନ୍ତି। ଆସନ୍ତା ମାସରେ ବାହାଘର। କମନ ରୁମ୍‌ରେ ରବି ସାର୍‌ଙ୍କୁ କନ୍ୟାଦେଖା ମୁଦି ଦେଖାଇଲା ବେଳେ ଅନୀତା ଲକ୍ଷ୍ୟ କରିଥିଲା ରବି ସାର୍‌ଙ୍କ ଛାତିରେ କଣ୍ଟା ଫୋଡ଼ିହେବା ଯନ୍ତ୍ରଣାକୁ। ତାଙ୍କ ମୁହଁରେ ଥିଲା ଗୋଟେ ଝଡ଼ ବର୍ଷାର ସଞ୍ଜ ଅନ୍ଧାର। ନିଜ ଭିତରେ ନିଜେ ସାଙ୍କୁଡ଼ି ଗଲେ ଅନୀତା ମାଡାମ୍। ଭଲ ପାଇବାର ପ୍ରଥମ କାରୁଣ୍ୟକୁ ଅତି ନିକଟରୁ ଦେଖିଲା ବେଳେ ରବି ସାର୍‌ଙ୍କ ହାତଟା ତାଙ୍କ ଦୁଇହାତ ମୁଠା ଭିତରେ ଥିଲା। ଠିକ୍ ସେତିକିବେଳେ କଲେଜର ଶେଷଘଣ୍ଟା ବାଜିଗଲା।

ବିବାହର ପାଞ୍ଚମାସ ପରେ ମାସେ ଛୁଟିନେଇ ଅନୀତା ମାଡାମ୍ ସ୍ୱାମୀଙ୍କ ସହିତ ଦିଲ୍ଲୀ ଗଲେ। ସ୍ୱାମୀଙ୍କର ବଙ୍ଗଳା, ଗାଡ଼ି, ଚାକର, ପୂଜାରୀ ବ୍ୟବସ୍ଥା ଦେଖି ଅଭିଭୂତ ହୋଇପଡ଼ିଲେ। ରାତିରେ ଅଫିସର୍ସ କ୍ଲବ୍‌କୁ ପ୍ରାୟତଃ ଯିବାକୁ ପଡ଼େ। ଦିନେ ଅନୀତା ବି ଯାଇଥିଲା ସ୍ୱାମୀ ଦେବେନ୍ଦ୍ରଙ୍କ ସହିତ। ଦେବେନ୍ଦ୍ର ସେନାପତି ସେଠାକାର ଜଣେ ଚର୍ଚ୍ଚିତ ବ୍ୟକ୍ତି। ସ୍ୱାମୀର ପ୍ରତିଷ୍ଠାରେ ସ୍ତ୍ରୀମାନେ ଖୁସିହେବା କଥା, ମାତ୍ର ଦେବେନ୍ଦ୍ରଙ୍କର ଜଣେ ବନ୍ଧୁ କ୍ଲବ୍ ଭିତରେ ପଚାରିଦେଲା କ'ଣ ସେନାପତି ବାବୁ! ଆଜି ପିଲାମାନେ ଆସିନାହାନ୍ତି କି! ଇଏ କିଏ? ଦେବେନ୍ଦ୍ର କ'ଣ କହିଲେ ଅନୁଚ୍ଚ ସ୍ୱରରେ, ତାହା ଅନୀତା ମାଡାମ୍ ବୁଝିପାରିଲେ ନାହିଁ। କିନ୍ତୁ ଦେବେନ୍ଦ୍ର ଯେ ବିବାହିତ, ଏକଥା ଜାଣିବାରେ ଅସୁବିଧା ହେଲା ନାହିଁ। କ୍ରମେ ବଙ୍ଗଳାର ଝାଡ଼ୁଦାରଠାରୁ ସବୁ ଜାଣିଗଲେ। ଚେଷ୍ଟା କଲେ ମାସେ ନ ରହି ଶୀଘ୍ର ଗାଁକୁ ଫେରିଯିବେ। ଦେବେନ୍ଦ୍ରଙ୍କୁ ନ କହି ସେ ଭିନ୍ନ ବାହାନାରେ ଦିଲ୍ଲୀ ଛାଡ଼ି ଗାଁକୁ ଫେରିଆସିଲେ। ଫେରିବାର ପନ୍ଦର ଦିନପରେ ସାନଭାଇକୁ ପୁଣି ପଠାଇଲେ ଦିଲ୍ଲୀ, ଭିଣୋଇଙ୍କୁ ଏକ ଜରୁରୀ ଚିଠି ଦେବା ପାଇଁ। ସାନଭାଇ ଦିଲ୍ଲୀରୁ ଫେରି ସେଇ ଏକାକଥା କହିଲା ଯେ, ଦେବେନ୍ଦ୍ରଙ୍କର ବଙ୍ଗଳାରେ ତାଙ୍କ ସ୍ତ୍ରୀ ଓ ପିଲାଟିଏ ଅଛି। ସ୍ୱପ୍ନର ତାଜ୍‌ଟା ହଠାତ୍ ହୋଇଗଲା ଲୁହର ଗୀତି–କବିତା। ଅନୀତା ମାଡାମ୍‌ଙ୍କର ମୁହଁରୁ ହଜିଗଲା ସରସତା। ହସର ଝରଣା ଶୁଖିଗଲା। ଆଉ ଥରେ ନୂଆ କରି ଜୀବନକୁ ଗଢ଼ିବାର ବାଟଟା ବି ବନ୍ଦ ହୋଇଗଲା। କାରଣ ନିଜ ଭିତରୁ ସେ ଶୁଣିପାରୁଥିଲେ କଅଁଳ ଗୋଟେ ଛୁଆର କ୍ରନ୍ଦନ। ଛୁଆଟିଏ ଯେମିତି କହୁଥିଲା, ସତରେ ମୋତେ କ'ଣ ତୁମେ ବଞ୍ଚିବାକୁ ଦେବନାହିଁ। ରାତି ସେତେବେଳକୁ ବୟସ୍କ ହୋଇ ସାରିଥିଲା। ଅନୀତା ଆଖିରୁ ଏଇ କିଛିଦିନ ହେଲା ନିଦ ହଜିଯାଇଛି। ହଠାତ୍ ଫୋନ୍ ବାଜି ଉଠିଲା। ଅଧ୍ୟକ୍ଷ ଫୋନ୍ କରି କହିଲେ– ରବି ସାର୍ ଚାଲିଗଲେ। ହାର୍ଟଷ୍ଟ୍ରୋକ୍। ଦାଣ୍ଡରେ କୁକୁରଗୁଡ଼ାକ କରୁଣ ଚିତ୍କାର କରୁଥିଲେ।

– ଅଧ୍ୟାପକ, ଶିଶୁ ଅନନ୍ତ ମହାବିଦ୍ୟାଳୟ,
ବାଲିପାଟଣା, ଖୋର୍ଦ୍ଧା

ଗଳ୍ପ

# ଜାତି



ଅପରାଜିତା ବେସନ

ମତେ ଉପହାର ଦେଇଥିବା ତୁମର ସେ ସୁନ୍ଦର ମନଟାକୁ କେଉଁଠି ହଜେଇ ଦେଇଛି ବୋଲି ଯଦି ଅଭିମାନ କରୁଥାଅ, ତେବେ ଏହାଠୁ ବଳି ବଡ଼ ଦୁଃଖ ମୋ' ପାଇଁ କିଛି ନାହିଁ ଅମ୍ରିତା ! ଗତ ଦୁଇ ବର୍ଷ ଭିତରେ ଦୁନିଆ ଯେତିକି ବଦଳି ନାହିଁ, ତା'ଠାରୁ ବହୁତ ଅଧିକ ମୁଁ ବଦଳି ଯାଇଛି ବୋଲି ବି ତୁମେ କହିପାର, ମୁଁ ଅସ୍ୱୀକାର କରିବି ନାହିଁ। କିନ୍ତୁ ବିଶ୍ୱାସ କର ତୁମର ପ୍ରତିଟି ଅଭିମାନରେ ମୁଁ ଏଯାଏଁ ଅଗ୍ନିପରୀକ୍ଷା ହିଁ ଦେଇଆସିଛି। ସେଥିରେ ମୁଁ ହାରିଯାଇଛି ନା ? ବେଳେବେଳେ ଭାବେ ମୁଁ ହାରିକି ବି ଜିତିଯାଇଛି, କାରଣ ତୁମ ପାଇଁ ମୁଁ ଏବେ ତୁମ ପରି କବିଟିଏ ପାଲଟିଯାଇଛି। ଦୀର୍ଘ ଦୁଇ ବର୍ଷ ପରେ ୟୁନିଭର୍ସିଟିର ଲାଇବ୍ରେରି ହଲ୍‌ରେ ଅମ୍ରିତାକୁ ପାଖରେ ପାଇ ଏକନିଃଶ୍ୱାସରେ କହିଯାଉଥିଲା ସୌମ୍ୟଜିତ୍।

ଅମ୍ରିତାର ଗୋଟିଏ ପଦ କଥା ମୋ' ସହ ଏମିତି କାହିଁକି କଲ ସୌମ୍ୟ, ମୁଁ ତ ତୁମ ପାଇଁ ସାରା ଦୁନିଆ ଛାଡ଼ିବାକୁ ପ୍ରସ୍ତୁତ ଥିଲି, ତୁମେ ହିଁ ଅଧବାଟରେ ହାତ ଛାଡ଼ିଦେଲ। ଅଭିମାନର ଅଶ୍ରୁକୁ ଯଥାସମ୍ଭବ ଲୁଚେଇବାକୁ ଚେଷ୍ଟା କରୁଥିଲା ଅମ୍ରିତା। ସୌମ୍ୟ ଆଉ ଅମ୍ରିତା ଗୋଟିଏ ୟୁନିଭର୍ସିଟିରେ ପାଠ ପଢୁଥିଲେ। ସୌମ୍ୟ ଏମ୍‌ଫିଲ୍ ସାରି ପିଏଚଡି କରୁଥିଲା ଫିଜିକ୍ସରେ, ଅମ୍ରିତା ଜୀବବିଜ୍ଞାନରେ ପିଜି କରୁଥିଲା। ୟୁନିଭର୍ସିଟିର ମାସିକ ସାହିତ୍ୟ ଆସରରେ ଦୁହିଁଙ୍କ ସାକ୍ଷାତ୍ ହୁଏ। ଅମ୍ରିତା କବୟିତ୍ରୀ, କବିତା ପାଠକରେ, ସୌମ୍ୟ ସାହିତ୍ୟପ୍ରେମୀ ଶ୍ରୋତା। ଜୀବବିଜ୍ଞାନର ଛାତ୍ରୀ ହୋଇ ବି ଆପଣ ଚମତ୍କାର ଲେଖୁଛନ୍ତି, ଲିଟରେଚର ପିଲା ବି ପାରିବେନି ଆପଣଙ୍କ ପରି ଲେଖି, ସୌମ୍ୟ କହେ। ଆଉ ଆପଣ ପଦାର୍ଥବିଜ୍ଞାନର ଛାତ୍ର ହୋଇ ସାହିତ୍ୟରେ ଏତେ ରୁଚି ରଖୁଛନ୍ତି ଗ୍ରେଟ୍! ପରିଚୟ, ପ୍ରଶଂସା, ବନ୍ଧୁତା କେତେବେଳେ ପ୍ରେମର ରୂପନିଏ ଦୁହେଁ ଜାଣିପାରନ୍ତି ନାହିଁ।

ଅମ୍ରିତାର ପିଜି ସରିବା ପରେପରେ ବାପା ମା' ବ୍ୟସ୍ତ ହୋଇପଡ଼ନ୍ତି ତା'ର ବିବାହ ପାଇଁ, ଯେତେବେଳେ ଡାକ୍ତର ପ୍ରତାପଙ୍କ ଘର ତରଫରୁ ପ୍ରସ୍ତାବ ଆସେ। ପିଜି ଶେଷ ବର୍ଷ ଥିଓରି ପରୀକ୍ଷା ସରିଯାଇଛି, ଅମ୍ରିତା ଘରକୁ ଆସିଛି ଦଶ ଦିନ ରହିକି ପୁଣି ହଷ୍ଟେଲକୁ ଫେରିବ ପ୍ରାକ୍ଟିକାଲ ପରୀକ୍ଷା ଦେବାପାଇଁ। ପରୀକ୍ଷା ସରିବା ପରେପରେ ବିବାହ କାମଟା ସାରିଦେଲେ ଯିବ। ଡାକ୍ତର ପ୍ରତାପଙ୍କ ବାପା ଆଉ ଅମ୍ରିତାର ବାପା ଗୋଟିଏ ଡିପାର୍ଟମେଣ୍ଟରେ ଚାକିରି କରନ୍ତି। ଅଫିସ୍ ବନ୍ଧୁତାକୁ ପାରିବାରିକ ବନ୍ଧୁତାରେ ପରିଣତ କରିବା ପାଇଁ ଦୁହେଁ ଆଗ୍ରହୀ। ଅମ୍ରିତା ସ୍ପଷ୍ଟବାଦିନୀ, ଘରେ ସିଧା ଜଣେଇ ଦେଲା ସେ ସୌମ୍ୟ ଛଡ଼ା ଆଉ କାହାକୁ ବିବାହ କରିବ ନାହିଁ। ସୌମ୍ୟ ଉଚ୍ଚଶିକ୍ଷିତ, ଟ୍ୟାଲେଣ୍ଟେଡ୍, ଭଦ୍ର, ନମ୍ର, ସରଳ ଚେହେରା ସହିତ ଏକ ଉଚ୍ଚ ବ୍ୟକ୍ତିତ୍ୱର ଅଧିକାରୀ। ଅନେକ ସ୍ୱେଚ୍ଛାସେବୀ ସଙ୍ଗଠନ ସହ ଜଡ଼ିତ ହୋଇ ସମାଜର ଅବହେଳିତ ବର୍ଗ ଯଥା ଅନାଥ ଶିଶୁ ଓ ଅସହାୟ ବୃଦ୍ଧାବୃଦ୍ଧଙ୍କ ପାଇଁ କାମ କରେ। ଏକ ଉଚ୍ଚଶିକ୍ଷିତ ପରିବାରରୁ ମଧ୍ୟ ଆସିଛି। କେବଳ ଜାତିରେ ଛୋଟ ବୋଲି ମୁଁ ତାକୁ ପ୍ରତାରଣା କରିପାରିବି ନାହିଁ।

ଅମ୍ରିତାର ବାପା ଝିଅର କଥା ଶୁଣିବା ପରେ କ'ଣ କରିବେ ସେଇ ଦ୍ୱିଧାରେ ଥିଲାବେଳେ ଅମ୍ରିତାର ମାଆ କିନ୍ତୁ ସହମତ ହେବାକୁ ପ୍ରସ୍ତୁତ ନ ଥିଲେ। ଅମ୍ରିତାର ଅଜାଣତରେ ସୌମ୍ୟକୁ ଭେଟି କେବଳ ଗୋଟିଏ ପଦ କଥା କହିଥିଲେ, ମୁଁ ତୁମ ମାଆ ସମାନ, ମୋର ସାମାଜିକ ସମ୍ମାନ ରକ୍ଷା କରିବା ପାଇଁ ତୁମକୁ ହାତପାତି ଭିକ ମାଗୁଛି, ଗୋଟେ ମାଆର ଅନୁରୋଧ ରଖିବନି! ଯଦି ପ୍ରକୃତରେ ଅମ୍ରିତାକୁ ଭଲ ପାଉଥାଅ, ତେବେ ନିଜଆଡୁ ତା'ଠାରୁ ଦୂରେଇ ଯାଅ, ଆଉ ଆମ ଭିତରେ ଯାହା ଆଜି ଘଟିଛି ସେ ଯେମିତି ନ ଜାଣେ। ମାଆ ଶବ୍ଦ ଶୁଣି ସୌମ୍ୟ ଭାବପ୍ରବଣ ହୋଇଗଲା। ଆହା ! ସେଇ ଡାକଟିକୁ ତା'ଠାରୁ ଛଡ଼େଇ ନେଇ ତା' ମାଆ କେବେଠାରୁ ଅବେଳରେ ସ୍ୱର୍ଗବାସିନୀ। ବାସ୍ ସେଇ ମୁହୂର୍ତ୍ତରୁ ସୌମ୍ୟ ନିଜର ସର୍ବସ୍ୱ ଦାନ କରି ନିଃସ୍ୱ ହୋଇଗଲା।

ଛୁଟି ସାରି ହଷ୍ଟେଲକୁ ଫେରିବା ପରେ ଅମ୍ରିତା ସହ ଲାଇବ୍ରେରିରେ ସୌମ୍ୟର ଦେଖାହୁଏ। ଘରେ ଯାହା ଘଟିଥିଲା ସବୁ ଅମ୍ରିତା ବର୍ଣ୍ଣନା କରୁଥାଏ, କିନ୍ତୁ ସୌମ୍ୟ ଥାଏ ଅବିଚଳିତ, ପଥର ମୂର୍ତ୍ତିଟେ ପରି ନିର୍ବିକାର। ହଠାତ୍ ତା' ହାତ ଧରିପକେଇ ଅମ୍ରିତା କହିଲା ତୁମେ ଯେମିତି, ଯେଉଁ ରୂପରେ ଥାଅ, ମୁଁ ତୁମକୁ ସେହି ରୂପରେ ଆପଣେଇ ନେବାକୁ ଚାହେଁ ସୌମ୍ୟ... ବିବାହ କରିବ ମତେ ? ନିଜକୁ ଦୃଢ଼ କରି ସୌମ୍ୟ କହେ ପ୍ରେମ କଲେ ବିବାହ କରିବା ନିଶ୍ଚିତ ବା ଉଚିତ ବୋଲି ମୁଁ ଭାବେ ନାହିଁ। ଆଉ ଏବେ ମୁଁ ବିବାହ କରିବାକୁ ପ୍ରସ୍ତୁତ ନୁହେଁ ଅନ୍ତତଃ ଆଉ ପାଞ୍ଚବର୍ଷ। ତା'ଛଡ଼ା ତୁମକୁ ବିବାହ କରିବା କଥା ମୁଁ କେବେ ବି ଭାବିନାହିଁ। ମାନୁଛି, ତୁମକୁ ଭଲପାଏ। ଅମ୍ରିତାର ପାଦତଳୁ ମାଟି ଖସି ଯାଉଥିଲା। ନିଜ ଲୁହକୁ ଲୁଚେଇ ମୁହଁ ବୁଲେଇ ସେ ଦ୍ରୁତ ପାଦରେ ଚାଲିଯାଇଥିଲା। ପଛକୁ ବୁଲି ଚାହିଁଥିଲେ ଦେଖିପାରିଥାନ୍ତା ସୌମ୍ୟ ପୁଅ ପିଲାଟେ ହୋଇ ବି ଏତେ କାନ୍ଦିପାରେ! ମତେ କ୍ଷମା କରିଦେବ ଅମ୍ରିତା, ନିଜ ହାତରେ ଆଜି ନିଜ ହୃଦୟକୁ ମୁଁ ବାଧ୍ୟ ହୋଇ ହତ୍ୟା କରୁଛି ଯେମିତି ଏ ହୃଦୟ ତୁମ ଛଡ଼ା ଆଉ କାହାର ନ ହେଉ। ତୁମେ ସର୍ବାନ୍ତକରଣରେ ସୁଖୀ ହୁଅ, ଏତିକି କାମନା।

ଡାକ୍ତର ପ୍ରତାପଙ୍କ ସହ ବିବାହର ଦେଢ଼ ବର୍ଷ ପରେ ବି କୋଉ ସୁଖୀ ହୋଇପାରିଲା ଅମ୍ରିତା। ଜାତି, ଗୋତ୍ର, ଜାତକ, ନକ୍ଷତ୍ର ସବୁ ମେଳକ ସତ୍ତ୍ୱେ ! ଅମ୍ରିତା ସିନା ନିଜକୁ ବୁଝେଇ ଦେଇପାରିଲା, କିନ୍ତୁ ଡାକ୍ତର ପ୍ରତାପ ତାକୁ କ'ଣ ମନରେ ଗ୍ରହଣ କରିପାରିଲେ ? ବିବାହର ପ୍ରଥମ ରାତ୍ରିରେ ହିଁ କହିଦେଇଥିଲେ ମୁଁ ତୁମକୁ ମୋ' ବାପା ମା'ଙ୍କ ବହୁ ବାଧ୍ୟବାଧକତାରେ ବିବାହ କରିଛି ସତ, କିନ୍ତୁ ମୋ' ହୃଦୟରେ ଆଉ କେହି ଅଛି, ମୋ' ସହପାଠିନୀ ଡାକ୍ତର ଶ୍ରଦ୍ଧା, ଯାହାକୁ ଛୋଟ ଜାତିର କହି ମୋ' ବାପା ମାଆ ବୋହୂ କରିବାକୁ ରୋକ୍‌ଠୋକ୍ ମନା କରିଦେଲେ। ବିବାହ ପୂର୍ବରୁ ମୁଁ ତୁମକୁ ଆଉ ତୁମ ପରିବାରକୁ ସବୁ ଜଣେଇ ଦେବାକୁ ଚାହୁଁଥିଲି, କିନ୍ତୁ ବାପା ମାଆଙ୍କ ଆତ୍ମହତ୍ୟା ଧମକ ଆଗରେ ମୁଁ ଅସହାୟ ହୋଇଗଲି। ବାସ୍ ସେଇ ଦିନଠାରୁ ଅମ୍ରିତା ଆଉ ପ୍ରତାପ କେବଳ ସ୍ୱାମୀ-ସ୍ତ୍ରୀର ଅଭିନୟ କରି ଚାଲିଲେ। କିନ୍ତୁ କେତେଦିନ ବା ସତ ଲୁଚି ରହିପାରିଥାନ୍ତା ! ଯୋଉ ଦିନ ଅମ୍ରିତାର ବାପା ମାଆ ଅମ୍ରିତାକୁ ନେଇଆସିଲେ, ଡାକ୍ତର ପ୍ରତାପ ବି ମନା କରି ନ ଥିଲେ।



ଏବେ ଅମ୍ରିତା ଏମ୍‌ଫିଲ୍ କରିବାକୁ ଆଡ୍‌ମିଶନ ନେଇଛି ଆଉ ସୌମ୍ୟ ୟା' ଭିତରେ ପିଏଚ୍‌ଡି ସାରି ସେହି ଫିଜିକ୍ସ ଡିପାର୍ଟମେଣ୍ଟରେ କନିଷ୍ଠ ଅଧ୍ୟାପକ। ଲାଗୁଛି ଯେମିତି ବର୍ଷବର୍ଷ ଧରି ହସିନାହିଁ, ଖୁବ୍ ଝଡ଼ିଯାଇଛି। ସମୟର ଗହଳିରେ ହଜିଯାଇଥିବା ଦୁଇଟି ମଣିଷ ପୁଣି ସେହି ସମୟ ଏକାଠି କରିଛି। ମନେଅଛି ଅମ୍ରିତା ସେଦିନ କହିଥିଲ, ସୌମ୍ୟ ! ତୁମେ ଯେମିତି ଅଛ ମୁଁ ସେମିତି ରୂପରେ ତୁମକୁ ଆପଣେଇ ନେବାକୁ ଚାହେଁ। ତେବେ ମୋର ଆଜିର ରୂପକୁ ସ୍ୱୀକାର କରିନେଇ ତୁମେ ଦେଇଥିବା କଥା କ'ଣ ରଖି ପାରିବନି ? ଆହୁରି କହିଥିଲ ମୋ' ବ୍ୟକ୍ତିତ୍ୱ ତୁମକୁ ପାଗଳିନୀ କରେ, ମୋ' ହସରେ ତୁମର ଆତ୍ମବିଶ୍ୱାସ ଦ୍ୱିଗୁଣିତ ହୋଇଯାଏ। ତୁମେ ମତେ କେତେ ଉଚ୍ଚକୁ ନେଇଯାଇଥିଲ, ମୁଁ ବି ତୁମକୁ କିଛି କମ୍ ଭାବିନାହିଁ। ତୁମ ବାଗ୍ମିତାକୁ ପୂଜା କରେ ମନେମନେ, ଯଦିଓ ଏକଥା ସତଯେ ତୁମ ସୁନ୍ଦର ଚେହେରା ହିଁ ମୋ' ପାଇଁ ପ୍ରଥମ ଆକର୍ଷଣ ଥିଲା। ସେଦିନ ତୁମେ ମତେ ପଚାରିଥିଲ ସୌମ୍ୟ ! ସତ କୁହ ତୁମେ ମୋ'ଠାରେ ଏମିତି କ'ଣ ଦେଖିଲ ଯେ ମତେ ଭଲପାଇଲ ? ମୁଁ କହୁକହୁ କହିଦେଲି ତୁମର ସୁନ୍ଦର ନାକ। ଶୁଣିକି ତୁମେ ବହୁତ ହସିଥିଲ। ସତ କଥାଟା କହିବାକୁ ମତେ ଲାଜ ଲାଗିଥିଲା, କେଜାଣି ତୁମେ କ'ଣ ଭାବିଥାନ୍ତ ! ଅତୀତର କଥାସବୁ ସ୍ମୃତିର ମଉଳା ଫୁଲବଣ ପାଲଟି ଯାଇଥିଲା, ତୁମେ ଆସିଲା ପରେ ସବୁ ପୁଣି ଥରେ ସତେଜ ଗୋଲାପର ଉପବନ ପରି ଲାଗୁଛି। ମୋ' କଥା କେବେ ମନେ ପଡ଼ିଛି ?

ସୌମ୍ୟର ଯେଉଁ ପ୍ରଗଲ୍‌ଭତା ଦିନେ ଅମ୍ରିତାକୁ ସୁଖ ଦେଉଥିଲା ଆଜି କାହିଁକି ଦୁଃଖ ଦେଉଛି। ଅମ୍ରିତା ଖୋଜୁଛି ତା' ପ୍ରଶ୍ନର ଉତ୍ତର। ଏଥର ସେ ଆଉଥରେ ସିଧାସଳଖ ପଚାରିଲା- ସୌମ୍ୟ ତୁମେ ମୋ' ସହ ଏମିତି କାହିଁକି କଲ ? ଜଣେ ମାଆର ଅନୁରୋଧ ଥିଲା ତାଙ୍କ ସାମାଜିକ ସମ୍ମାନ ବଞ୍ଚେଇବାକୁ... ସେ ଆଉ କେହି ନୁହନ୍ତି, ତୁମର ହିଁ ମାଆ, ସୌମ୍ୟ ପାଖରେ ସତ କହିବା ଛଡ଼ା ଅନ୍ୟ କିଛି ଉପାୟ ନ ଥିଲା। ଅମ୍ରିତା ଆଖିରେ ସୌମ୍ୟକୁ ଭୁଲ୍ ବୁଝିଥିବାରୁ ଅନୁତାପର ଲୁହ, ଝଡ଼ ପରର ନୀରବତା ଛାଇଗଲା କିଛି ସମୟ ପାଇଁ।

କିଛି ସମୟ ପରେ ନୀରବତା ଭାଙ୍ଗି ଅମ୍ରିତା କହିଲା- ଜାଣେନା ଆଗକୁ ଜୀବନର ଗତିପଥ କେଉଁ ମୋଡ଼ ନେବ। ଏବେ ମୁଁ ଆଗକୁ ପଢ଼ିବାକୁ ଚାହେଁ, ଚାକିରି କରି ଆତ୍ମନିର୍ଭରଶୀଳ ହେବା ମୋର ପ୍ରଥମ ଆଉ ଏକମାତ୍ର ଲକ୍ଷ୍ୟ। ଆଉ ମୁଁ ସେମିତି କୌଣସି ସମ୍ପର୍କରେ ବାନ୍ଧିହେବାକୁ ଚାହୁଁନାହିଁ, ଯେଉଁଠି ମୋ' ସହ ସମ୍ପର୍କ ଆଉ କାହାପାଇଁ ବୋଝ ସଦୃଶ ହୋଇଥିବ। ମୁଁ ମୋ' ତରଫରୁ ସମସ୍ତଙ୍କୁ ସବୁପ୍ରକାର ସମ୍ପର୍କର ବନ୍ଧନରୁ ମୁକ୍ତ କରିସାରିଛି। ତୁମ ବାହାଘରକୁ ମତେ ନିମନ୍ତ୍ରଣ କରିବ ନା ସୌମ୍ୟ ! ବହୁ ଦିନ ପରେ ଅମ୍ରିତାର ଆଖିରେ ଚପଳାମିର ହାଲୁକା ଚମକ। ସୌମ୍ୟ ସ୍ମିତ ହସି କହିଲା- ''ନିଜଠି ଅଭାବ ଯାହା ମନ ତାହା ଖୋଜେ/ ପାଇ ବି ହଜେଇଦେବା ମନ କ'ଣ ଚାହେଁ ?/ ତଥାପି ମୁଁ ପାରୁନାହିଁ ଛିଣ୍ଡାଇ ଦେଇ ସମାଜର ଶୃଙ୍ଖଳ।/ ଭାଙ୍ଗି ପାରୁନାହିଁ ଭେଦର ପାଚେରି/ ମୋ' ଚାରିପଟେ ଏବେ ବି ବୈଷମ୍ୟର ଲୌହପଞ୍ଜୁରି/ ଧୈର୍ଯ୍ୟ ଯଦି ପୂଜା ମୋର, ଆଶା ଯଦି ଅର୍ଘ୍ୟ,/ ପ୍ରତୀକ୍ଷା ହେଉ ତପସ୍ୟା।/ ଅନନ୍ୟ ଇପ୍ସିତ ମୋର, ଆସିବାର କଥା ଦିଅ !/ ମଧୁର ମୁହୂର୍ତ୍ତ ମୋର ନ ଆସିଲେ ନାହିଁ ...''

ମୁଗ୍ଧ ହୋଇ ଶୁଣୁଥିଲା ଅମ୍ରିତା, ତା' ନିଜ ଲେଖା କବିତା ୟେ, ଏବେ ବି ସୌମ୍ୟର ମନେଅଛି ! ସତରେ ସୌମ୍ୟର ଭଲପାଇବାରେ ଟିକିଏ ବି କମ୍ ହୋଇନାହିଁ। ଏତିକି ଯଥେଷ୍ଟ ସାରା ଜୀବନ ବଞ୍ଚିଯିବା ପାଇଁ। ଅମ୍ରିତା ଭାବପ୍ରବଣ ହୋଇଗଲା। ପଚାରିଲା- ଆଗକୁ କ'ଣ ସ୍ୱପ୍ନ ଅଛି ତୁମର ସୌମ୍ୟ ? ସୌମ୍ୟ କହିଲା- ତୁମ ବାପାଙ୍କ ଆଶୀର୍ବାଦ ଆଉ ତୁମ ମାଆଙ୍କ ଅନୁମତି... ଅନେକ ଦିନ ପରେ ଦୁହେଁ ମନଭରି ହସିଥିଲେ।

- ସହକାରୀ ଉପବିଭାଗ ଅଧିକାରୀ,
ଟ୍ରେଜେରି ନିର୍ଦ୍ଦେଶାଳୟ, ଭୁବନେଶ୍ୱର

# କବିତା

## ଆକାଶ

**ଡ. ଅବନୀ ପ୍ରଧାନ**

ଯିଏ ଆମମାନଙ୍କ ସବା ଉପରେ ଥାଏ।
ସିଏ କଥା କୁହେ ନିଜକୁ ନିଜେ ବଡ଼ ପାଟିରେ।
ଅବଶ୍ୟ ସଭିଙ୍କଠୁଁ ତାଙ୍କର ଅଧିକା ଆକାର
ଯାହାଙ୍କର ଆଉ ଦୀର୍ଘ ଚେହେରା
ଖୋଲାମେଲା ଫର୍ଚ୍ଚା ଫର୍କଟା।

ଅବଶ୍ୟ ସିଏ ଯୋଗାଏ ଜୀବନ
ଜିଇବା ପାଇଁ ଜଳ ଏ' ମାଟିକୁ
ସୂର୍ଯ୍ୟ ଚନ୍ଦ୍ର ଛପି କରି କୁଆଡ଼େ ଥା'ନ୍ତି ଯେ
ଦିନ ହେଲେ
ରାତି ହେଲେ
ଖପାଖପ୍ ଡିଅନ୍ତି ସେ' ଆକାଶକୁ।
ସେମାନେ କି' ଆକାଶୀ ମଣିଷ ?

ଅବଶ୍ୟ ପିନ୍ଧିଥା'ନ୍ତି ଆକାଶୀ ପୋଷାକ।
ଆଉ ପାଟଶାଢ଼ି କରି ପିନ୍ଧନ୍ତି
ଗ୍ରହ ତାରା ନୀହାରିକା ଅପ୍‌ସରା ଅପ୍‌ସରୀଙ୍କ
ଝଲ୍‌ମଲ୍ ରଙ୍ଗକରା ଆଇରନ୍‌ଦିଆ ପୋଷାକ।

ତା'ପରେ ସମୁଦ୍ରର ପାଳି। ସମୁଦ୍ର ! ଆକାଶର ମୁକୁର।
ଯାହା ଆକାଶ କହେ ! ଭାରି ତା'ର ଗରିମା ଗୁମର।
ଆମେ ତ ଜାଣୁ। ତୁଚ୍ଛାଟାରେ ଆକାଶ କହେ କିଆଁ ମୁଇଁ ବଡ଼ ?
ଅଯଥା, ବୃଥା, ଗାଥା କିଆଁ ଏତେ ଆକାଶର ?
ଯିଏ ଆମମାନଙ୍କର ସବା ଉପରେ ଥାଏ।

– ମୋଟେଲ୍ ଛକ, ଭଦ୍ରକ

## ପାରୁଛ ତ ଶୋଇଯାଅ

**ଶ୍ୟାମା କିଙ୍କର ମହାନ୍ତି**

ଭାବୁଛ ଶୋଇଯିବ
ବେଶ୍ ଆରାମରେ, ନୁହେଁ ?
ଯେତେ ନ ଚାହିଁଲେ ବି
ମୋ' ପ୍ରତିଛବି
ନାଚିଯିବ ତୁମ ମନ ଆଇନାରେ।

ଏବେ ତୁମେ ଭାବୁଥିବ
ଜମା ମନେ ପକେଇବନି
ଗଲାବର୍ଷ ନଭେମ୍ବର କାକର ସଂଜର
ମୋ' ପହିଲି ଛୁଆଁ, କିମ୍ବା
ତୁମ ଛାତିତଳେ କେଉଁଠି କେମିତି
ଅନୁଭବୀ ଥିଲ
ନୂଆ କରି ଅସରନ୍ତି ନିଆଁ।

ପ୍ରିୟ, ଏତେ ସହଜରେ କ'ଣ
ଭୁଲିହୁଏ
ପ୍ରିୟତମ ସଖାକୁ,
ସ୍ମୃତି ସିଲ୍‌ହଟ୍‌ରୁ ପୋଛିହୁଏ କି
ଅନ୍ତରଂଗ ମୁହୂର୍ତ୍ତମାନଙ୍କୁ ?

ଭାବୁଛ ଶୋଇଯିବ, ନୁହେଁ ?
ପ୍ରେମ ଦେଇଥିଲି ନା
ଫେରାଇଛ ପ୍ରତାରଣା,
ଏବେ ନିଅ ମଧୁର ଯନ୍ତ୍ରଣା
ପାରୁଛ ତ ଶୋଇଯାଅ
ବେଶ୍ ଆରାମରେ।।

– ଆସିଷ୍ଟାଣ୍ଟ ମ୍ୟାନେଜର,
ନୀଳାଚଳ ଇସ୍ପାତ ନିଗମ, ଦୁବୁରୀ,
ଯାଜପୁର

## ଚିରା ପଣତ

**ବିଜୟଲକ୍ଷ୍ମୀ ପଟ୍ଟନାୟକ**

ପଢ଼ିପଢ଼ି କେତେ ଆକତା ହେଲିଣି
କେତେ ବା ପଢ଼ିବି ଖାଲି,
ଓହ୍ଲେଇ ଦେଲିଣି ଓଧାଣି ଆଟିକା
ଲିଭେଇ ଦେଲିଣି ଚୁଲି।।

ପରଷିବି ବୋଲି ସଜ ମୁଁ ହେଉଛି
ପଲଉ, ଖିରିସା, ମିଠା,
ହାଣ୍ଡି ଚିତ୍‌ମାତ, ସଭିଏଁ ଅଭୁକ୍ତ
ବୁଝି ହେଉନାହିଁ କଥା।।

ନିଜକୁ ଦିଶୁନି ନିଜ ଗୋଡ଼ ମୋର
ପରଶଂସା ଗାଢ଼େ ପଡ଼ି,
ନିଇତି ରାତିରେ ସପନ ଦେଖୁଛି
ଶିଡ଼ିରେ ଯାଉଛି ଚଢ଼ି।।

ଦରାଣ୍ଡି ସିନା ମୁଁ ଦେଖିଲେ ଜାଣନ୍ତି
ଚିରା ପଣତର ଜଳା,
ଯୋଉଠି ଥିଲି ମୁଁ ସେଇଠି ରହିଛି
ଆଗରେ ବିପଣି ମେଳା।।

– ବାଲିଡିହି, ବାଣପୁର

ଗୀତି–କବିତା

## ହୋଇପାରେ ଗୋଟେ ଗପ

**ହୃଦାନଂଦ ପାଣିଗ୍ରାହୀ**

ହୋଇପାରେ ଗୋଟେ ଗପ
ଯେ ଡାଳ ଛୁଉଁଚି ସେ ଡାଳ ଭାଙ୍ଗୁଚି
ଏ କି ମୋର ଅଭିଶାପ ।।୦।।

ଜିଇବାର ଜ୍ୱାଳା ଯାତନାକୁ ବୋହି
ଏ ଗଛୁଁ ସେ ଗଛ ବୁଲୁଥାଏ ମୁହିଁ
ଠାବ ନାହିଁ ଅବା କଉଁକୂଳେ ମୋର
ସାରା ଏ ଜୀବନଯାକ ।।୧।।

ଲୁହ ଜରଜର ଏଇ ଆଖି ଛାତି
ବିଷାଦ ଶୋକର ନାହିଁ ପରା ଇତି
ଦୁଃଖ ଜଡ଼ସଡ଼ ଜୀବନ ମାଣକ
ଅଧା ମିଛ, ଅଧା ସତ ।।୨।।
ହୋଇପାରେ ଗୋଟେ ଗପ

– ଝାଡ଼ପଟା, ଦୋଳସାହି, ଭଦ୍ରକ

## ଅନ୍ଧାରର ମୁହଁ

**ଓସିଦ୍ ଖାଁ**

ଫଣା ଟେକି, ଲହଲହ ଜିଭ କାଢ଼ି
ଦଂଶିଦେବାକୁ ତୟାର୍ ରହିଛି
ସାପ ପରି ଅନ୍ଧାର ଚାରିଆଡ଼େ।
ଏପଟେ ଶିକାରୀ, ସେପଟେ ଜାଲ
ଆରପଟେ ଲୋଳଜିହ୍ୱ କୁକୁର ଓ ନିଆଁ
କୋଉପଟେ ଯିବ ମୃଗୁଣୀ। ଯେଣେ ଚାହିଁଲେ
ସେଣେ ଜଗି ବସିଛି ଅନ୍ଧାର। ବିଚାରି ମାଆ
ନାଚାର। ଡବଡବ ଆଖିରେ ଦିଗ୍‌ବଳୟମାନେ
ଚାହିଁ ବସିଛନ୍ତି କରିଦେବେ ସୁସତ୍କାର।
ଉପବାସରେ ଆଉଟୁପାଉଟୁ
ହେଉଥିବା ଛୁଆ, ମାଆକୁ ନାହିଁ ନିସ୍ତାର।
ବେଲୁବେଳ ଥରି ଉଠୁଛି ଛାତି ତଳ।
ବିବଶ ମାଆର ନାହିଁ ଅନ୍ୟ ଉପଚାର
ସଅଁପି ଦେବାକୁ ହେବ
କାହାରି ନା କାହାରି ହାତରେ, ନିଜକୁ।
କଟା ହେବା ପାଇଁ ମାଂସ ଦୋକାନରେ
ସଞ୍ଜ, ସକାଳ ଅବା ଦି'ପ୍ରହର।
ଆଖି ବୁଜିଦେଲେ କେଇ ଘଣ୍ଟା ପାଇଁ
ଦିଶିବନି ସଂସାର। ତା'ପରେ ଆଲୁଅର
ସଫେଦ୍ ପର୍ଦ୍ଦା ତଳେ ଲୁଚି ରହିବ ଅନ୍ଧାର।
ଗରିବୀକୁ ବିକି ଭାଙ୍ଗି ମାଆ
ନେଇ ଆସିବ ରସଦ। ପିଲାଙ୍କର ଖୁସି ଖବର।
ଲୁହରେ ଭିଜୁଥିବ ମାଆର ପଣତ,
ସାପ ବିଷ ଚରିଯାଉଥିବ ସାରାଟା ଶରୀର
ଜୀବନ କାଳ।

– ଜରଦାପଡ଼ା, ବିଶ୍ୱାଳପଡ଼ା,
ରେଞ୍ଚ, ଖୋର୍ଦ୍ଧା

## ବୋନ୍‌ସାଇ

**ଅୟସ୍କାନ୍ତ**

ଜହ୍ନ ବଗିଚା
ତମ ସୁନ୍ଦର ଅଥଚ ଖାଲଢିପ ଦେହ
ସଦା ଅବିଜିତ।
*
ବାରବାର ପରାଜୟ ପରେ ବି
ମୁଁ ତମ ସହ ଭୀଷଣ ଯୁଦ୍ଧ କରେ
ଯଦିଓ ତୁମେ ଅପରାଜିତ।
*
ଏଥର ପରାଜିତ ହେଲେ
ଆଉ ଯୁଦ୍ଧ ନ କରି ପ୍ରେମ କରିବି
ଯଦିଓ ତୁମେ ଭର୍ତ୍ସିତା ପୁଣି ଚର୍ଚ୍ଚିତ।

– ବନଦୁର୍ଗା ମନ୍ଦିର ନିକଟ, ସୁନ୍ଦରଗଡ଼



# ଆଗକୁ ଯିବାର ଅନୁପ୍ରେରଣା ମୋ' ପ୍ରଥମ ଲେଖା...




ଲେଖାଲେଖି ପ୍ରତି ପିଲାବେଳୁ ଖୁବ୍ ଆଗ୍ରହ ଥିଲା। ଯାହା ଲେଖେ ମୋ' ମା'ଙ୍କୁ ଦେଖାଏ। ସେତେବେଳେ ଲେଖାସବୁ କେମିତି କ'ଣ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରକାଶ ପାଏ, ଜାଣି ନ ଥିଲି କି ଏ ବିଷୟରେ କାହାକୁ ବି ପଚାରି ନ ଥିଲି। ସମୟକ୍ରମେ ପଢ଼ା ସାରି ଗଣମାଧ୍ୟମରେ ଚାକିରି କରିବା ପରେ ଫିଚର ଲେଖିବା ସହ ଧୀରେଧୀରେ ଗପ ଲେଖିବା ଆରମ୍ଭ କଲି। ଆଜି ବି ମନେଅଛି, ମୋର ପ୍ରଥମ ଗପ 'କଣ୍ଢେଇକୁ ଦେଲି ଭଣ୍ଡେଇ' ସଞ୍ଚାର ମିଡିଆରେ ପ୍ରକାଶିତ ହୋଇଥିଲା। ତା'ପରେ ପାଠିକାପାଠକଙ୍କ ପାଖରୁ ଅନେକ ଫୋନ କଲ୍ ଆସି ମୋର ଲେଖାଲେଖିରେ ଥିବା ଆଗ୍ରହକୁ ଦ୍ୱିଗୁଣିତ କରିଦେଲା। 'କଣ୍ଢେଇକୁ ଦେଲି ଭଣ୍ଡେଇ' ଗପ ଏକ ବାସ୍ତବ କାହାଣୀ ଥିଲା। ବାସ୍ତବ ଜୀବନ କାହାଣୀରୁ ମୋର ଧୀରେଧୀରେ ଅନେକ ଗପ ଲେଖିବା ଆରମ୍ଭ ହୋଇଥିଲା। କେବଳ ଏଇ ଗପ ନୁହେଁ, ମୋର ଅନ୍ୟ ଗପରେ ବି ମୁଁ ସମାଜର ବାସ୍ତବ ଚିତ୍ରଣ ଦେଇଥାଏ। ମୋର ପ୍ରଥମ ଗଳ୍ପ ସଙ୍କଳନ 'ଡଷ୍ଟବିନ୍' ପ୍ରକାଶ ପାଇବା ପରେ ମୋତେ ବହୁତ ଖୁସି ଲାଗିଥିଲା। ବହୁଦିନର ଅଭିଳାଷ ପୂର୍ଣ୍ଣ ହେଲା ବୋଲି ମୋର ଅନୁଭବ ହୋଇଥିଲା। ପାଠିକାପାଠକଙ୍କ ଉତ୍ସାହ ହିଁ ମୋ' ପ୍ରଥମ ଗଳ୍ପ ସଙ୍କଳନ ଆଲୋକ ଦେଖିବାର ଅସଲ ହେତୁ। ୩୧ ଡିସେମ୍ବର ୨୦୧୯ରେ ଏହା ଭୁବନେଶ୍ୱରର 'ୟା ନ୍ୟୁଜ୍ ପବ୍ଲିକେଶନ' ଦ୍ୱାରା ପ୍ରକାଶିତ। ମୋ' ଜୀବନରେ ତେଣୁ ଏଇଦିନଟି ସବୁଠୁଁ ବଡ଼ ଦିନ ଥିଲା। ଏହି ଦିନ ମୁଁ ମୋ' ସ୍ୱପ୍ନର ଗୋଟେ ପାହାଚ ଚଢ଼ିଥିଲି। ଏହି ଦିନର କଥା ଯେବେ ମୁଁ ଭାବି ବସିବି, ଆଗକୁ ଯିବା ପାଇଁ ଏହା ମୋତେ ଅନୁପ୍ରେରିତ କରିବ। ଜୀବନର ବହୁ ବାଟ ଆଗକୁ ବାକି। ଜୀବନରେ ସେଇ ଅନାଗତ ଅନୁଭବ ମୋତେ କେଉଁଠୁ ନେଇ କେଉଁଠି ପହଞ୍ଚାଇବ, ତାହା ସମୟ କହିବ।



ସ୍ନିଗ୍ଧା ତ୍ରିପାଠୀ


ସ୍ନିଗ୍ଧା ତ୍ରିପାଠୀଙ୍କ ଜନ୍ମ ୧୭ ଜୁନ୍ ୧୯୮୯ରେ। ଗାଁ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନାର ବାଲିପଡ଼ା। ବୃତ୍ତିରେ ଆଇନଜୀବୀ, ରୁଚି ସାମ୍ବାଦିକତାରେ। କୈଶୋରରୁ ଲେଖାଲେଖି ପ୍ରତି ଝୁଙ୍କ୍। ଏକମାତ୍ର ଗଳ୍ପ ସଙ୍କଳନ 'ଡଷ୍ଟବିନ୍' ପ୍ରକାଶ ପାଇଛି ୨୦୧୯ରେ। ସିନେକ୍ରିଟିକ୍, କଳିଙ୍ଗ କନ୍ୟା ଓ ଓଡ଼ିଶା ଲିଟରେଚର ଆୱାର୍ଡ ମିଳିଛି ନିଜ ଲେଖାରେ ଥିବା ସମ୍ଭାବନାର ଔଜ୍ଜ୍ୱଲ୍ୟ ପାଇଁ। ଭୁବନେଶ୍ୱର ଓ ପୁନେ ସମ୍ପ୍ରତି ତାଙ୍କ କର୍ମକ୍ଷେତ୍ର।



## ପୁସ୍ତକ ପରିଚୟ

### ମିଛ ରାସ୍ତାର ସତ


**ଲେଖକ:** ସତ୍ୟ ମିଶ୍ର
**ପ୍ରକାଶକ:** ଧଉଳି ବୁକ୍ସ, ପୁରୁଣା ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୨୯୫/-




ଆଲୋଚ୍ୟ ବହିରେ ସ୍ଥାନ ପାଇଛି ମୋଟ ୨୦ଟି ଗପ। ବହିର ପ୍ରଥମ ଗପ 'ମିଛ ରାସ୍ତାର ସତ'। କାହାଣୀଟି ଏହିପରି- କଟକ ଛାଡ଼ି ଦିଲ୍ଲୀ ଯାଇଥିବା ଏକ ପରିବାରର ମୁଖ୍ୟ (ପ୍ରବୋଧର ବାପ)ଙ୍କର ମନେ ହୋଇଛିଯେ, ତାଙ୍କର ଏକ କାମିଜ କଟକରେ ଟେଲର୍ ପାଖରେ ରହିଯାଇଛି। କିନ୍ତୁ ପ୍ରକୃତରେ କୌଣସି ଲୁଗା ଟେଲର୍ ପାଖରେ ନାହିଁ, ଏକଥା ପରିବାରର ସମସ୍ତେ ଜାଣନ୍ତି। ପ୍ରବୋଧର ବାପା କଥାଟି ବାରବାର ଉଠାଇବାରୁ ଏହାକୁ ଏକ ମନସ୍ତାତ୍ତ୍ୱିକ ରୋଗ ବୋଲି ସନ୍ଦେହ କରାଯାଇଛି। ପରେ ତାଙ୍କୁ କଟକ ନିଆଯାଇଛି। କିନ୍ତୁ ଟେଲର୍ ସାଙ୍ଗରେ ଦେଖା ହେବା ପରେ ସେ ଟେଲର୍‌ର ଭଲମନ୍ଦ ପଚାରିଛନ୍ତି ସତ, କିନ୍ତୁ କାମିଜ ବିଷୟ ଆଦୌ ଉଠାଇ ନାହାନ୍ତି। ସମଗ୍ର ଘଟଣାଟି ବାପାଙ୍କର ଶବଦାହ ବେଳେ ବନ୍ଧୁମାନଙ୍କୁ ପ୍ରବୋଧ କହିଛି। ଗପଟି ସରିଛି, ପାଠକଙ୍କ ମନରେ ଉଠୁଥିବା ସବୁ ପ୍ରଶ୍ନର ଉତ୍ତର ନ ଦେଇ। ପାଠକଙ୍କ ମନରେ ଉଠୁଥିବା ପଠନପରର ସବୁ ପ୍ରଶ୍ନର ଉତ୍ତର ଦେବାକୁ ଭଲ ଗପ ବାଧ୍ୟ ନୁହେଁ। ତେବେ ଉତ୍ତରଟିଏ ଗପରେ କୋଉଠି ନା କୋଉଠି ପ୍ରତ୍ୟକ୍ଷ ବା ପରୋକ୍ଷରେ ଲୁଚି ରହିଥାଏ। ବହିଟିର ଅନ୍ୟ ଗପଗୁଡ଼ିକ ପାଠକଙ୍କ ପାଇଁ ଏକଏକ ନୂଆ ଅନୁଭବ- ଉଭୟ କାହାଣୀ ଓ ଉପସ୍ଥାପନା ଦୃଷ୍ଟିରୁ। ଓଡ଼ିଆ କଥା ସାହିତ୍ୟରେ ବହିଟି ଏକ ବ୍ୟତିକ୍ରମ, ଏଥିରେ ସନ୍ଦେହ ନାହିଁ।

### ଫିରଙ୍ଗୀ ଫସଲ


**ଲେଖକ:** ରଂଜନ କୁମାର ଦାସ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର-୧୨
**ପ୍ରଥମ ପ୍ରକାଶ:** ୨୦୧୯,
**ମୂଲ୍ୟ:** ଟ.୧୨୦/-




ୟୁରୋପ, ବିଶେଷକରି ଫ୍ରାନ୍ସ ଓ ଅନ୍ୟ କେତେକ ପଡ଼ୋଶୀ ଦେଶର ଭ୍ରମଣ ଅନୁଭୂତିକୁ ନେଇ ଏହି ବହିଟିର ପରିକଳ୍ପନା। ମୋଟ ୧୭ଟି ପରିଚ୍ଛେଦରେ ବିଭକ୍ତ କରି ପୃଥକ୍ ପୃଥକ୍ ସ୍ଥାନର ଅଭିଜ୍ଞତାକୁ ଏଥିରେ ତୋଳି ଧରିଛନ୍ତି ଲେଖକ ଅତି ମାର୍ମିକ ଭାବେ। ପ୍ରତ୍ୟେକଟି ପରିଚ୍ଛେଦରେ ସଂପୃକ୍ତ ସ୍ଥାନର ବିଶେଷତ୍ୱ ଏପରି ଭାବରେ ବର୍ଣ୍ଣିତଯେ ପଢ଼ିଲେ ଗପ ପଢ଼ିଲା ପରି ଲାଗେ। 'ନୋଟରଡେମରୁ ଲିଡୋସ: ଆଲୋକିତ ସହର', 'ସିନ୍ ନଦୀରେ ସୂର୍ଯ୍ୟୋଦୟ ଓ ମୌଲିନ୍‌ର ରାତି', 'ଆଇଫେଲ୍‌ର ସକାଳ ଓ ଏଲିସିସ୍‌ର ସନ୍ଧ୍ୟା', 'ଆନ୍ ଇଭିନିଂ ଇନ୍ ପ୍ୟାରିସ୍', 'ଜେନେଭାରୁ ଜୁରିକ୍', 'ମୋନାଲିସାର ଘର' ଓ 'ଲଙ୍ଗଳା ଛୁଆର ସହର: ବେଲଜିୟମ୍' ଇତ୍ୟାଦି ପରିଚ୍ଛେଦଗୁଡ଼ିକ ପଢ଼ିଲେ ଏସବୁ ସ୍ଥାନକୁ ଯାଇ ନ ଥିବା ଲୋକେ ସ୍ୱପ୍ନଚାରୀ ହୋଇ ସେ ଦେଶର ଅନୁଭୂତିରେ ମଗ୍ନ ହେବାକୁ ବାଧ୍ୟ ହେବେ। ଓଡ଼ିଆ ଭାଷାରେ ଉନ୍ନତ ମାନର ଭ୍ରମଣଗ୍ରନ୍ଥର ପରିମାଣ ନଗଣ୍ୟ ହୋଇଥିବାରୁ ରଞ୍ଜନଙ୍କର ଏ ବହିଟି ଏ କ୍ଷେତ୍ରରେ ଏକ ମୂଲ୍ୟବାନ୍ ସଂଯୋଗ ହେବ।

### ଆଜିର ଦିନ ମୋର

**ମୂଳ ମରାଠୀ:** ବିଜୟ ଅମୃତା କୁଲାଙ୍ଗେ
**ଓଡ଼ିଆ ରୂପାନ୍ତର:** ଭି.ଏସ୍. ଯୋଗଲେକର
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୧୫୦/-





'ଆଜିର ଦିନ ମୋର' କୁଲାଙ୍ଗେଙ୍କ ରଚିତ ଜୀବନ-ସ୍ମୃତି। ଏକ ଦରିଦ୍ର ପରିବାରରେ ଜନ୍ମ ହୋଇ ନାନା ପ୍ରତିକୂଳତା ମଧ୍ୟରେ ସେ ସମାଜରେ ନିଜକୁ ପ୍ରତିଷ୍ଠିତ କରିପାରିବାର ବିବରଣ ଏ ବହିଟି। 'ମୋ ଗାଁ ମୋ ଘର', 'ଚାଲ, ସ୍କୁଲକୁ ଯିବା', 'ଦଶମ ଲାଗି ପ୍ରସ୍ତୁତି' ଆଦି କ୍ରମରେ ବହିଟିର ପରିଚ୍ଛେଦଗୁଡ଼ିକ ବିଭକ୍ତ ଓ ଶେଷ ପରିଚ୍ଛେଦଟି ହେଉଛି 'ଆଜିର ଦିନ ମୋର'। ସେଇଦିନଟିକୁ ବିଜୟ ନିଜର ବୋଲି କହନ୍ତି, ଯେଉଁଦିନ ସେ ଆଇ.ଏ.ଏସ୍. ହୋଇଛନ୍ତି। ବାପା ଟେଲର୍ ଓ ମାଆ କ୍ଷେତ ମଜୁରିଆ। ପ୍ରାୟ ଶୂନ୍ୟବିତ୍ତ ପରିବାରରୁ ଉଠିଉଠି ଆପଣା ଚେଷ୍ଟା ବଳରେ ସେ ପ୍ରାଥମିକ ଶିକ୍ଷକରୁ ତହସିଲଦାର ବାଟଦେଇ ଆଇ.ଏ.ଏସ୍.ରେ ପହଞ୍ଚିଛନ୍ତି। ଛୋଟ ଗାଁଟି ତାଙ୍କ ସଫଳତାରେ ଉତ୍ସବମୟ ହୋଇ ଉଠିଛି। ସମଗ୍ର ବହିଟି ସବୁ ମଣିଷଙ୍କ ପାଇଁ ପ୍ରେରଣାଦାୟୀ। ଯୋଗଲେକରଙ୍କ ସଫଳ ଅନୁବାଦ ଯୋଗୁଁ ବହିଟି ମୂଳ ଓଡ଼ିଆରେ ଲେଖା ହେବା ପରି ଲାଗୁଛି।

### ଅଜଗର


**ଲେଖକ:** ବିଚିତ୍ର ବିଶ୍ୱାଳ
**ପ୍ରକାଶକ:** ସୃଜନ ଇଣ୍ଡିଆ, ବାଦାମବାଡ଼ି, କଟକ
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୧୫୧/-

'ଅଣୁଗଳ୍ପ'ର ଏ ସଂକଳନଟିକୁ ଲେଖକ ଉତ୍ସର୍ଗ କରିଛନ୍ତି ସେ ଭୋଗୁଥିବା ସମୟଖଣ୍ଡ ଓ ନିଃସର୍ତ୍ତ ପ୍ରେମକୁ। ଏଥିରେ ମୋଟ ୮୦ଟି ଗଳ୍ପ ସ୍ଥାନିତ। ଗ୍ରନ୍ଥାରମ୍ଭରେ 'ଅଣୁ ଗପ ପଛର ବଡ଼ କଥା' ଶୀର୍ଷକରେ ଲେଖକ ଲେଖିଛନ୍ତି: ''ମନରେ ଗୋଟେ ଆଶା ଥାଏ, ଗପ ଭିତରେ ଥିବା ଗହନ କଥାଟି କେଉଁ ଗୋଟେ ପାଠକର ଅନ୍ତରକୁ ହୁଏତ ଦିନେ ନିଶ୍ଚୟ ଛୁଇଁବ, ଜଡ଼ତାକୁ ଦୂର କରିବାରେ ସାହାଯ୍ୟ କରିବ ଓ ଧୀରେଧୀରେ ତାହା ସାମୂହିକ ସାହସରେ ପରିଣତ ହେବ, ସବୁ ଖରାପ ଜିନିଷ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ।'' ଗପଗୁଡ଼ିକ ଆକାରରେ ଛୋଟଛୋଟ ହେଲେ ବି ବହୁ ବୃହତ୍ତର ଅନୁଭୂତିକୁ ତହିଁରେ ତୋଳି ଧରିବାକୁ ବିଚିତ୍ର ସମର୍ଥ ହୋଇଛନ୍ତି। ଗପଗୁଡ଼ିକର ଚରିତ୍ର ଓ କଥାକଳ୍ପରେ ବିବିଧତା ଭରି ରହିଛି। ଚିହ୍ନା ପରିସରରୁ ସ୍ୱତଃ ଉଠି ଆସିଛନ୍ତି ଗଳ୍ପଗୁଡ଼ିକର ପ୍ରସଙ୍ଗ। ଭାଷା ଚରିତ୍ରମୁଖୀ ହୋଇଥିବାରୁ ଏହାର ପଠନ/ପାଠନରେ ଅଦୀକ୍ଷିତ ପାଠକମାନେ ବି ପରାଙ୍ମୁଖ ହେବେ ନାହିଁ।




### ଊନବିଂଶତି

**ଲେଖକ:** ନିରଞ୍ଜନ ସାହୁ
**ପ୍ରକାଶକ:** କଟକ ଷ୍ଟୁଡେଣ୍ଟ୍ସ ଷ୍ଟୋର
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୧୨୦/-




ଏଥିରେ ୧୯ଟି ଗଳ୍ପ ସ୍ଥାନିତ ଏବଂ ପ୍ରତ୍ୟେକଟି ଗଳ୍ପରେ ଲେଖକ ଅଙ୍ଗେନିଭା ଓ ଆଖିଦେଖା ଘଟଣାକୁ ଗଳ୍ପ କରି ଗଢ଼ି ତୋଳିଛନ୍ତି। 'ମୁଖବନ୍ଧ'ରେ କହିଛନ୍ତି: ''ମଣିଷର ଚେଷ୍ଟା ସତ୍ତ୍ୱେ ଏକ ଧାରଣା ରହିଯାଏ ଆଉ ଟିକିଏ ହୋଇଥିଲେ ଅଧିକ ଭଲ ହୋଇଥାନ୍ତା। ସେମିତି ଏକ ଭାବନା ଏହି ସମସ୍ତ ଗପରେ ରହିଗଲା, ସୂକ୍ଷ୍ମ ଓ ସ୍ଥୂଳ- ଉଭୟ କ୍ଷେତ୍ରରେ।'' ଏହା ଲେଖକଙ୍କର ସ୍ୱାଭାବିକ ବିନୟ। ୟାକୁ ଆଖିବୁଜି ଦେଇ ବହିର ଗଳ୍ପଗୁଡ଼ିକୁ ପଢ଼ି ଚାଲିଲେ କାହାଣୀର ନୂଆନୂଆ ମୋହପାଶରେ ପାଠକଙ୍କୁ ବନ୍ଦୀ ହେବାକୁ ପଡ଼େ। ଆପାତଃ ଦୃଷ୍ଟିରୁ ତାତ୍ପର୍ଯ୍ୟହୀନ ମନେ ହେଉଥିବା ବହୁ ଘଟଣା ଓ ଅଭିଜ୍ଞତାକୁ ଲେଖକ ଏପରି ଗଢ଼ି ତୋଳିଛନ୍ତିଯେ ପଢ଼ିଲେ ଲାଗେ, ପ୍ରତ୍ୟେକ ଅନୁଭୂତିକୁ ଲେଖକ ଖୋଦ୍ ଭୋଗିଛନ୍ତି। ଭାଷା ପାତ୍ରାନୁସାରି ହୋଇଥିବାରୁ କୌଣସି ଗପରେ ପାଠକ ଝୁଣ୍ଟେ ନାହିଁ କି ଅଟକେ ନାହିଁ। ସଂକଳନଟି ଲେଖକଙ୍କର ପ୍ରଥମ ଗଳ୍ପ ସଂଗ୍ରହ। ଏଥିରେ ଲେଖକଙ୍କ ସୃଜନଶୀଳତାର ସ୍ୱାଭାବିକ ବିକାଶ ଲକ୍ଷ୍ୟ କରିହୁଏ। ବହିଟିର ଜନାଦୃତି ସମ୍ଭାବନା ଉଜ୍ଜ୍ୱଳ।